RNI NO-ORORI26A4793

ନାରଦ ବାର୍ତ୍ତା

ସତ୍ୟ | ନିରପେକ୍ଷ | ନିର୍ଭୀକ

ଜନ ସ୍ୱାର୍ଥରେ ସତ୍ୟ : ଦାୟିତ୍ୱବୋଧ ସାମ୍ବାଦିକତା

Vol-01, Issue.32,Friday 06 Nov 2026,Bhubaneswar,Pages-08,Rs.05/-

ବର୍ଷ -୦୧ ,ସଂଖ୍ୟା -୩୨,ଶୁକ୍ରବାର ୦୬ ନଭେମ୍ବର ୨୦୨୬ ,ଭୁବନେଶ୍ୱର,ପୃଷ୍ଠା -୦୮ ,ମୂଲ୍ୟ -୦୫ /-

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ୬ ଦଫା ଦାବିପତ୍ର



ଛତ୍ରପୁର : ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟାରେ ଗଞ୍ଜାମ ଜିଲ୍ଲାର ବ୍ୟାପକ ଫସଲ କ୍ଷତି ହୋଇଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ଆର୍ଥିକ ସହାୟତା ପ୍ରଦାନ ଦାବି ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା କୃଷକ ସଭାର ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଚାଷୀମାନେ ଧାରଣାରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ୬ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବାତ୍ୟା ଓ ବନ୍ୟା ଯୋଗୁଁ ଜିଲ୍ଲାର କୃଷି କ୍ଷେତ୍ର ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଲଗାତାର ଚାରି ଦିନ ଧରି ଚାଷଜମି ଜଳମଗ୍ନ ରହିବାରୁ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଛି। ଏଥିଯୋଗୁଁ ଚାଷୀମାନେ ଜୀବିକା ହରାଇବା ସହ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏଭଳି ସ୍ଥିତିରେ ସରକାର ଘୋଷଣା କରିଥିବା ସହାୟତା କ୍ଷୟକ୍ଷତି ତୁଳନାରେ ଯଥେଷ୍ଟ ନୁହେଁ ବୋଲି କୃଷକ ସଭା ପକ୍ଷରୁ ଅଭିଯୋଗ କରାଯାଇଛି। ସଂଗଠନ ପକ୍ଷରୁ ବାତ୍ୟା ଯୋଗୁଁ ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା, ଅଣଜଳସେଚିତ ଧାନ ଫସଲ ପାଇଁ ଏକର ପ୍ରତି ୧୦ ହଜାର, ଜଳସେଚିତ ଧାନ ପାଇଁ ୧୫ ହଜାର ଏବଂ ପନିପରିବା ଓ ବହୁମୁଖୀ ଫସଲ ପାଇଁ ୨୫ ହଜାର ଟଙ୍କା କ୍ଷତିପୂରଣ ଦାବି କରାଯାଇଛି। ଏଥିସହ ଚାଷୀଙ୍କ ସମସ୍ତ ପୁରୁଣା କୃଷି ଋଣ ଛାଡ଼, ବିନା ସୁଧରେ ନୂତନ ଋଣ ପ୍ରଦାନ, କ୍ଷତିଗ୍ରସ୍ତ ଚାଷଜମିର ଫସଲ ବୀମା ରାଶି ତୁରନ୍ତ ପ୍ରଦାନ ଏବଂ କ୍ଷତିଗ୍ରସ୍ତ ଚାଷୀ ପରିବାରକୁ ତିନି ମାସ ପର୍ଯ୍ୟନ୍ତ ମାଗଣା ଚାଉଳ, ଡାଲି ଓ ଅନ୍ୟାନ୍ୟ ରାସନ ସାମଗ୍ରୀ ଯୋଗାଇଦେବାକୁ ଦାବି ହୋଇଛି।

ଶିଶୁପାଳଗଡ଼ ତପୁ ନାୟକ ହତ୍ୟା ମାମଲାର ଫିଟିଲା ଗୁମର
ନୂଆ ପିସ୍ତଲ ଦେଖାଇବା ବେଳେ ଗୁଳି ଫୁଟିଥିବା ପୁଲିସର



ଧଉଳି: ଧଉଳି ଥାନା ଅଧୀନ ଶିଶୁପାଳ ଗଡ଼ (ବଡ଼ଟାଙ୍ଗି) ଅଞ୍ଚଳରେ ଘର ତିଆରି ସାମଗ୍ରୀ ଚାଲାଣ କରୁଥିବା ଏକ ଠିକା ସଂସ୍ଥା କାର୍ଯ୍ୟାଳୟ ନିକଟରେ ଭରତପୁର ସୀତାରାମ ବସ୍ତିର ଜେସିବି ଚାଳକ ତପୁ ନାୟକଙ୍କ ମୃତଦେହ ମିଳିଥିଲା। ତପୁ(୨୫)ଙ୍କ ଛାତିକୁ ଗୁଳି ବାଜିଥିଲା। ଅନୁସନ୍ଧାନରେ ପ୍ରଥମ ଚରଣରେ ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଅନୁମାନ କରାଯାଉଥିଲା। ଏହି ହତ୍ୟାକାଣ୍ଡ ଉପରେ ପରଦା ଉଠିଛି। ନୂଆ ପିସ୍ତଲ କିଣିବାକୁ ନେଇ ପାର୍ଟି ହୋଇଥିଲା। ମଦ ନିଶାରେ ସେଲ୍ଫି ନେଇଥିଲେ। ଏତିକିରେ ନିଶାରେ ବନ୍ଧୁକର ଗୁଳି ଫୁଟି ସିଧା ତପୁଙ୍କ ଛାତିରେ ବାଜି ମୃତ୍ୟୁ ଘଟିଥିବା ବୋଲି ଜଣାଯାଇଛି। ଏହି ମାମଲାରେ ପୁଲିସ ୫ଜଣଙ୍କୁ ଗିରଫ କରିବା ସହ ଉକ୍ତ ପିସ୍ତଲ ଓ ଏକ ଅଫୁଟା ଗୁଳିକୁ ଜବତ କରିଛି। ଅନୁସନ୍ଧାନରୁ ଜଣାଯାଇଛି, କିଣାଯାଇଥିବା ଏକ ପିସ୍ତଲ ପ୍ୟାକିଂ ଖୋଲିବା ନିମନ୍ତେ ତପୁଙ୍କ ସହ ୫ଜଣ ବନ୍ଧୁ ବଡ଼ଟାଙ୍ଗି (ଶିଶୁପାଳଗଡ଼)ର ଏକ କନ୍‌ଷ୍ଟ୍ରକ୍‌ସନ କାର୍ଯ୍ୟାଳୟ ନିକଟରେ ଏକ ପାର୍ଟି କରିଥିଲେ। ଭୋଜିରେ ମାଂସ ରନ୍ଧାଯାଇଥିଲା। ବନ୍ଧୁମାନେ ପ୍ରବଳ ମଦ ପିଇଥିଲେ। ଏହାପରେ ବନ୍ଧୁକକୁ ଖୋଲାଯାଇଥିଲା। ବନ୍ଧୁକରେ ଗୁଳି ପୂରାଇ ସମସ୍ତେ ଜଣେ ଆରଜଣକୁ ଦେଖାଇ ସେଲ୍ଫି ନେଇଥିଲେ। ଏହି ସମୟରେ ଜଣେ ବନ୍ଧୁଙ୍କ ହାତରେ ଟ୍ରିଗର ଦବିଯାଇଥିଲା। ଗୁଳିଟି ସିଧା ତପୁଙ୍କ ବେକତଳ ଛାତିରେ ପଶିଯାଇଥିଲା। ସେଠାରେ ସେ ଟଳିପଡ଼ିଥିଲେ। ଏଥିରେ ବନ୍ଧୁମାନଙ୍କ ନିଶା ଓହ୍ଲାଇଯାଇଥିଲା। ତପୁଙ୍କୁ ନେଇ ପ୍ରଥମେ କ୍ୟାପିଟାଲ୍ ହସ୍‌ପିଟାଲ୍ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଏକ ଘରୋଇ ହସ୍‌ପିଟାଲ୍‌କୁ ନେଇଥିଲେ। ରାସ୍ତାରେ ତପୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପୁଣି ସେମାନେ ତପୁକୁ ଆଣି କ୍ୟାପିଟାଲ୍ ହସ୍‌ପିଟାଲ୍‌ରେ ଭର୍ତ୍ତି କରି ଗିରଫ ଭୟରେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ରାତି ପ୍ରାୟ ୧ଟା ସମୟରେ ତପୁଙ୍କ ସହ କାମ କରୁଥିବା ତପୁ ଏବଂ ଶ୍ରୀକାନ୍ତ ମାନସୀଙ୍କୁ ଫୋନ କରି କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିବା ପାଇଁ କହିଥିଲେ। ଖବର ପାଇ ମାନସୀ ତାଙ୍କର ଭାଇ ଏବଂ ଶ୍ୱଶୁରଙ୍କ ସହିତ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ତପୁଙ୍କ ମୃତ୍ୟୁ ଘଟିଥିବା ଦେଖିଥିଲେ। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଭିତ୍ତିରେ ଧଉଳିଥାନା ପୁଲିସ ପ୍ରଥମେ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ଆଜି (ଗୁରୁବାର) ପୂର୍ବାହ୍ନରେ ଉକ୍ତ କନ୍‌ଷ୍ଟ୍ରକ୍‌ସନ କମ୍ପାନୀ କାର୍ଯ୍ୟାଳୟରେ ପହଞ୍ଚି ଅନ୍ୟ ୫ଜଣଙ୍କୁ ଗିରଫ କରିଥିଲା। ଗିରଫ ସମସ୍ତ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ। ପରେ ସେମାନେ ଫିଙ୍ଗିଦେଇଥିବା ପିସ୍ତଲଟିକୁ ଗଙ୍ଗୁଆ ନାଳରୁ ଉଦ୍ଧାର କରାଯାଇଥିଲା। ସେଠାରୁ ଏକ ଅଫୁଟା ଗୁଳି ମଧ୍ୟ ମିଳିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ, ନୟାଗଡ଼ଜିଲ୍ଲା ରଣପୁର ଥାନା ଅଧୀନ ନବଘନପୁର ଗ୍ରାମର ଉମେଶ କୁମାର ପଟ୍ଟନାୟକ (୩୦), ଧଉଳି ଥାନା ଅଧୀନ ଶିଶୁପାଳ ଗଡ଼ ଜେନା ସାହିର ବିଷ୍ଣୁ ପ୍ରସାଦ ସାମନ୍ତରାୟ (୨୩), ନୟାଗଡ ଜିଲ୍ଲା ଇଟାମାଟି ଥାନା କେନ୍ଦୁ ଟିପି ଗ୍ରାମର ରତ୍ନାକର ସାହୁ ଓରଫ ବବୁଲ (୨୩), ନୟାଗଡ଼ ଜିଲ୍ଲା ଖଣ୍ଡପଡା ଥାନା ପଥର ଦ୍ୱାର ଗ୍ରାମର ଆଲୋକ ଜେନା (୩0), ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ମଲ୍ଲିକ ସାହିର ମାନସ ସ୍ୱାଇଁ (୩୯), ବାଲିପାଟଣା ଥାନା ଅଧୀନ ବିଶ୍ୱାଳ ପଦାର ଅକ୍ଷୟ ପ୍ରଧାନ (୩୬), କଟକ ଜିଲ୍ଲା ବଡମ୍ବା ଥାନା ଅଧୀନ ରତପାଟ ଗ୍ରାମର କଳିଙ୍ଗ କେଶରୀ ପାତ୍ର (୨୩) ଏବଂ ଧଉଳି ଥାନା ଶିଶୁପାଳ ଗଡ଼ ତଇଲା ସାହିର ଚିତ୍ରସେନ ଗଜେନ୍ଦ୍ର (୩୨)।

ଅପରାଧୀ ଅର୍ଜୁନ ପ୍ରଧାନଙ୍କୁ ଅପରାଧିକ ସାମ୍ରାଜ୍ୟର ଖୋଳତାଡ଼, ନନ୍ଦିପଦାରେ ପହଞ୍ଚିଲା ଉତ୍ତରପ୍ରଦେଶ ପୁଲିସ



ଅର୍ଜୁନ ପ୍ରଧାନଙ୍କ ବିରୋଧରେ ଥିବା ମାମଲାର ତଥ୍ୟ ସଂଗ୍ରହ ପାଇଁ ଉତ୍ତରପ୍ରଦେଶର ଅଲିଗଡ଼ ପୁଲିସ ଟିମ୍ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନାରେ ପହଞ୍ଚିଛି।

ହାଟଡିହି: କୁଖ୍ୟାତ ଅପରାଧୀ ଅର୍ଜୁନ ପ୍ରଧାନର ଅପରାଧିକ ସାମ୍ରାଜ୍ୟର ଖୋଳତାଡ଼ କରିବାକୁ ଉତ୍ତରପ୍ରଦେଶ ପୁଲିସ ଆଜି କେନ୍ଦୁଝରଜିଲ୍ଲା ନନ୍ଦିପଦା ଥାନାରେ ପହଞ୍ଚିଛି। ଆଜି (ଗୁରୁବାର) ଅପରାହ୍ନରେ ଉତ୍ତରପ୍ରଦେଶ ଅଲିଗଡ଼ ଜିଲ୍ଲା ଇଗ୍ଲାସ ଥାନାର ଏସ.ଆଇ ରାଜେନ୍ଦ୍ର ସିଂ ଏବଂ କ୍ରିଷ୍ଣା ଟିଓଟିଆଙ୍କୁ ନେଇଦୁଇଜଣିଆ ଟିମ୍ ନନ୍ଦିପଦା ଥାନାରେ ପହଞ୍ଚିଥିଲେ। ଅର୍ଜୁନର ଅପରାଧିକ ରେକର୍ଡ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଏ ସମ୍ପର୍କରେ ନନ୍ଦିପଦା ଥାନାର ଇନ୍ସପେକ୍ଟର ବଳିଆ ବାରିକ କହିଛନ୍ତି ଯେ, ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଅର୍ଜୁନ ପ୍ରଧାନଙ୍କ ନାମରେ ଥାନାରେ ପଞ୍ଜୀକୃତ ବିଭିନ୍ନ ମାମଲା ସମ୍ପର୍କିତ ଆବଶ୍ୟକୀୟ ତଥ୍ୟ ଉତ୍ତରପ୍ରଦେଶ ପୁଲିସକୁ ପ୍ରଦାନ କରାଯାଇଛି। ଏହି ଘଟଣାକୁ ନେଇ ଦୁଇ ରାଜ୍ୟର ପୁଲିସ ମଧ୍ୟରେ ତଥ୍ୟ ଆଦାନପ୍ରଦାନ ଓ ତଦନ୍ତ ସମ୍ପର୍କିତ ସମନ୍ୱୟ ଜାରି ରହିଥିବା ଜଣାପଡ଼ିଛି।ଉତ୍ତରପ୍ରଦେଶ ପୁଲିସର ଉପନିରୀକ୍ଷକ ରାଜେନ୍ଦ୍ର ସିଂଙ୍କ ସୂଚନା ଅନୁଯାୟୀ, ଇଗ୍ଲାସ ଥାନାରେ ୭ ଏପ୍ରିଲ ୨୦୨୪ରେ ଜିତେନ୍ଦ୍ର ବାଲିୟାଁଙ୍କ ଅଭିଯୋଗକ୍ରମେ ଅର୍ଜୁନ ପ୍ରଧାନଙ୍କ ନାମରେ ହତ୍ୟା ଉଦ୍ୟମ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ନଂ୧୮୮/୨୦୨୪ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାର ବିଚାର କରି ଆଲିଗଡ଼ ଅଦାଲତ ୨୮ ସେପ୍ଟେମ୍ବର ୨୦୨୬ରେ ଅର୍ଜୁନଙ୍କ ସମ୍ପତ୍ତି ଜବତ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିଲା। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ, ଉତ୍ତରପ୍ରଦେଶ ପୁଲିସ ଅର୍ଜୁନଙ୍କ ଗ୍ରାମକୁ ଯାଇଛନ୍ତି। ସୂଚନାଯୋଗ୍ୟ, ଅର୍ଜୁନ ପ୍ରଧାନର ଘର ଯାଜପୁର ଜିଲ୍ଲା ଯଖପୁରା ଥାନା ଅନ୍ତର୍ଗତ ଦଶମାଣିଆ ଗ୍ରାମ। କେବଳ ଯାଜପୁର ନୁହେଁ ରାଜ୍ୟର ଏକାଧିକ ଜିଲ୍ଲାରେ ଓ ରାଜ୍ୟ ବାହାରେ ଅର୍ଜୁନର ୩୦ରୁ ଅଧିକ ଅପରାଧିକ ରେକର୍ଡ ରହିଛି। ଚଳିତ ବର୍ଷ ଅକ୍ଟୋବର ୨୩ ତାରିଖରେ ନନ୍ଦିପଦା ପୁଲିସ ସହ ଗୁଳି ବିନିମୟ ଘଟଣାରେ ଅର୍ଜୁନ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ନନ୍ଦିପଦା ଥାନାରେ ତାଙ୍କ ନାମରେ ମାମଲା ନମ୍ବର ୩୯୦/୨୦୨୬ ରୁଜୁ ହୋଇଥିଲା। ୨୦୨୬ ସେପ୍ଟେମ୍ବର ୨୭ ତାରିଖରେ ସୋସୋ ଥାନା ଅଞ୍ଚଳରେ ଜଣେ ସୁନା ବ୍ୟବସାୟୀଙ୍କୁ ଫାଙ୍କା ଗୁଳି ଚଳାଇ ଲୁଟ୍ କରିଥିବା ଅଭିଯୋଗରେ ମଧ୍ୟ ଅର୍ଜୁନଙ୍କ ନାମରେ ସୋସୋ ଥାନାରେ ମାମଲା ନମ୍ବର ୧୭୮/୨୦୨୬ ପଞ୍ଜୀକୃତ ହୋଇଥିଲା।

ଗିଡିପାବାଲି ଭୂସ୍ଖଳନ ଘଟଣା; ୫ ମୃତଦେହ ଉଦ୍ଧାର, ଏକାଠି ଜଳିଲା ଚିତା



ଭଞ୍ଜନଗର/ଘୁ.ଉଦୟଗିରି: ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ପ୍ରବଳ ବର୍ଷା ଗଂଜାମ ଏବଂ କନ୍ଧମାଳର ସୀମାନ୍ତ ଅଞ୍ଚଳରେ ବର୍ଷବର୍ଷ ଧରି ଭୁଲିପାରିବେ ନାହିଁ। ଏହି ବିପର୍ଯ୍ୟୟ ଯୋଗୁଁ ଛାତିଥରା ଭୂସ୍ଖଳନରେ ନିଶ୍ଚିହ୍ନ ହୋଇ ପଡିଥିବା ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡିପାବାଲି ଗ୍ରାମରେ ଗତକାଲି ନିଖୋଜ ୧୧ ଜଣଙ୍କ ପ୍ରତୀକାତ୍ମକ ସଂସ୍କାର ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିବାରବର୍ଗ ନିଷ୍ପତି ବଦଳାଇବା ପରେ ତାହା ହୋଇପାରିନଥିଲା। ସେମାନଙ୍କ ପ୍ରିୟଜନଙ୍କ ସନ୍ଧାନ ଖୋଜି ବାହାର କରିବା ପାଇଁ ଯାଇଥିବା ଉଦ୍ଧରାକାରୀ ଦଳ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରୀ କରିଥିଲେ। ଫଳରେ ଆଜି ଭୋର ସମୟରେ ଓଡ୍ରାଫ, ଡିଭିଏଫ୍ ବାହିନୀର ଏକ ୮୦ ଜଣିଆ ଟିମ ସହ ଗ୍ରାମବାସୀ ଘଟଣାସ୍ଥଳରୁ ଉଦ୍ଧାର କରିବା ପାଇଁ ଗିଡିପାବାଲି ଅଭିମୁଖେ ବାହାରିଥିଲେ। ଗତ ଶନିବାରରୁ ନିଖୋଜ ୧୩ ଜଣଙ୍କୁ ଖୋଜିବା ପାଇଁ ବଡ ଧରଣର ଅଭିଯାନ ଆରମ୍ଭ ହୋଇଥିଲା। ୩ଟି ରେଳବାଇ ଇଞ୍ଜିନିୟର ଟିମ ସହ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀର ୧୦ଟି ଟିମ୍ ସହ ଜିଓ ରାଡାର, ଲାଇଭ ଡିଟେକ୍ଟିଭ୍ ମେସିନ, କଟର ମେସିନ ଭଳି ବିଭିନ୍ନ ଉନ୍ନତମାନର ଯନ୍ତ୍ରାଂଶ, ସନ୍ଧାନୀ କୁକୁରର ମଧ୍ୟ ବ୍ୟବହାର ହୋଇଥିଲା। ତଥାପି ସୋମବାର ସୁଦ୍ଧା ଗ୍ରାମର ରବି ମଲ୍ଲିକ ଓ ତାଙ୍କ ଜ୍ୱାଇଁ ସନମାନ ପ୍ରଧାନଙ୍କ ମୃତଦେହ ମିଳିବା ସହ ତାର ସଂସ୍କାର କରାଯାଇଥିଲା। ଏହାପରେ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଉଦ୍ଧାର କାର୍ଯ୍ୟକୁ ସାମୟିକ ସ୍ଥଗିତ ରଖିବାକୁ ମଧ୍ୟ ନିଷ୍ପତି ନିଆଯାଇଥିଲା। ଉଭୟ ଜିଲ୍ଲାର ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ୧୧ ଜଣ ନିଖୋଜଙ୍କ ପ୍ରତୀକାତ୍ମକ ସତ୍କାର ପରେ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ସଂପର୍କରେ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ଏହି କ୍ରମରେ ବୁଧବାର ଘୁ.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ରଙ୍କ ନେତୃତ୍ବରେ ସେଠାରେ ପହଞ୍ଚିଥିଲେ। କିନ୍ତୁ ଘଟଣା ସ୍ଥଳରେ ପରିବାର ଲୋକଙ୍କ ନିବେଦନ ପରେ ପ୍ରତୀକାତ୍ମକ ସତ୍କାରରୁ ଓହରିବା ସହ ପ୍ରଶାସନ ପକ୍ଷରୁ ପୁଣି ନିଖୋଜ ଲୋକଙ୍କୁ ଖୋଜିବା ନେଇ ଗୁରୁବାର ଗ୍ରାମବାସୀଙ୍କ ସହଯୋଗରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଦ୍ବାରା ହୋଇଥିବା ଉଦ୍ଧାର ଅଭିଯାନରେ ଦିନକରେ ସର୍ବାଧିକ ୫ଟି ମୃତଦେହ ଠାବ ହୋଇଥିବା ଜଣାପଡିଛି। ସମସ୍ତ ମୃତଦେହ ଗୋଟିଏ ପରିବାରର ବୋଲି ଗିଡିପାବାଲି ଯାଇଥିବା ଗ୍ରାମର ଯାଇଥିବା ଅନ୍ୟ ସଦସ୍ୟ ମାନେ ଚିହ୍ନଟ କରିଥିଲେ। ମୃତକ ମାନେ ହେଲେ ବିଜୟ ପ୍ରଧାନ, ଭୂମିକା ପ୍ରଧାନ, ତାଙ୍କ ୭ ବର୍ଷର ପୁଅ ଅରୁଣ ପ୍ରଧାନ, ୬ ବର୍ଷର ଝିଅ ବିଜୟଲକ୍ଷ୍ମୀ ପ୍ରଧାନ ଓ ଏକ ବର୍ଷର ଝିଅ ଜୟଲକ୍ଷ୍ମୀ ପ୍ରଧାନ ବୋଲି ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ମୃତ ବିଜୟଙ୍କ ଭାଇ ଅଜୟ ପ୍ରଧାନ ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଥିବା ଜଣାପଡିଛି। ଫଳରେ ଗିଡିପାବାଲି ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି।

ସେନ୍‌ସେକ୍ସରେ ୨୦୦୮ ପଏଣ୍ଟ ବୃଦ୍ଧି; ନିବେଶକଙ୍କୁ ୮.୨ ଲକ୍ଷ କୋଟି ଲାଭ

ମୁମ୍ବାଇ: ଭାରତର ଦୁଇ ଷ୍ଟକ୍ ବଜାରରେ ଆଜି ଆଗୁଆ ଦୀପାବଳି ପାଳନ ଭଳି ଉତ୍ସାହ ଦେଖିବାକୁ ମିଳିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୯୫ ଡଲାର ତଳକୁ ଖସିବା ଓ ଆମେରିକାରେ ଡେମୋକ୍ରାଟ୍‌ଙ୍କ ବିଜୟ ପରେ ଭାରତୀୟ ଷ୍ଟକ୍ ବଜାରରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆଗକୁ ଭଲ ଦିନ ଆସୁଥିବା ଆଶା କରି ନିବେଶକମାନେ ସେୟାର କିଣିବାରେ ବିପୁଳ ନିବେଶ କରିଥିଲେ। ଏହାର ପ୍ରଭାବରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୨୦୦୮ ପଏଣ୍ଟ ବୃଦ୍ଧି ପାଇ ୭୯,୩୧୦.୦୧ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ମଧ୍ୟ ୫୭୬ ପଏଣ୍ଟ ବୃଦ୍ଧି ସହ ୨୪,୫୩୬ ପଏଣ୍ଟରେ ବନ୍ଦ ହୋଇଛି। ଆଜିର ବୃଦ୍ଧି ଚଳିତ ବର୍ଷର ଅନ୍ୟତମ ସର୍ବୋଚ୍ଚ ଦୈନିକ ବୃଦ୍ଧି ମଧ୍ୟରୁ ଅନ୍ୟତମ। ଆଜି ବମ୍ବେ ଷ୍ଟକ୍ ବଜାରର ମୋଟ୍ ବଜାର ପୁଞ୍ଜି ପରିମାଣ ପ୍ରଥମ ଥର ପାଇଁ ୫୦୦ ଲକ୍ଷ କୋଟି ଟଙ୍କା ସ୍ତର ଅତିକ୍ରମ କରିଥିଲା। ଗୋଟିଏ ଦିନରେ ନିବେଶକମାନଙ୍କୁ ପ୍ରାୟ ୮.୨ ଲକ୍ଷ କୋଟି ଟଙ୍କାର ଫାଇଦା ହୋଇଛି। ଲଗାତାର ଷଷ୍ଠ କାରବାର ଦିନରେ ସେନ୍‌ସେକ୍ସରେ ବୃଦ୍ଧି ଘଟିଛି। ଏହି ସମୟ ଭିତରେ ସେନ୍‌ସେକ୍ସରେ ପ୍ରାୟ ୬୦୦୦ ପଏଣ୍ଟ ଓ ନିଫ୍ଟିରେ ୧୯୦୦ ପଏଣ୍ଟ ପାଖାପାଖି ବୃଦ୍ଧି ହୋଇଛି।ଚଳିତ ବର୍ଷ ପ୍ରାୟ ୩ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିବା ବିଦେଶୀ ନିବେଶକମାନେ ମଧ୍ୟ ଗତ କିଛି ଦିନ ଧରି ଭାରତୀୟ ଇକ୍ୱିଟିରେ ନିବେଶ ବଢ଼ାଇଛନ୍ତି। ତାହା ମଧ୍ୟ ନିବେଶକଙ୍କ ମନୋବଳ ଦୃଢ଼ କରିବାରେ ସହାୟକ ହୋଇପାରିଛି। ନଭେମ୍ବର ମାସର ୩ଟି କାରବାର ଦିନରେ ବିଦେଶୀ ନିବେଶକମାନେ ୧୭,୨୩୫ କୋଟି ଟଙ୍କା ନିବେଶ କରିଛନ୍ତି। ବିଦେଶୀ ନିବେଶକଙ୍କ ଉପରେ ଲଗାଯାଇଥିବା ଦୀର୍ଘକାଳୀନ ପୁଞ୍ଜିଲାଭ ଟିକସ (ଏଲ୍‌ଟିସିଜି)ର ପୁନର୍ବିଚାର କରିବାକୁ ସରକାର ପ୍ରତିଶ୍ରୁତି ଦେବା ପରେ ସେମାନେ ଭାରତରେ ପୁଣି ନିବେଶ ଆରମ୍ଭ କରିଛନ୍ତି। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦର ୯୪ ଟଙ୍କା ୩୨ ପଇସା ଭଳି ଉନ୍ନତ ସ୍ଥିତିରେ ପହଞ୍ଚିଛି। ବହୁଦିନ ପରେ ଡଲାର ତୁଳନାରେ ଟଙ୍କା ଏଭଳି ଶକ୍ତିଶାଳୀ ହୋଇପାରିଛି। ଆଜି ଷ୍ଟକ୍ ବଜାରରେ ବଜାଜ ଫାଇନାନ୍ସ, ମାରୁତି ସୁଜୁକି, ଇଣ୍ଡିଗୋ, ଏସିଆନ ପେଣ୍ଟ୍‌ସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଇନ୍‌ଫୋସିସ୍, ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍, ଅଲ୍‌ଟ୍ରାଟେକ୍ ସିମେଣ୍ଟ, ଟିସିଏସ୍, ଆଇସିଆଇସିଆଇ ବ୍ୟାଙ୍କ ଓ ବଜାଜ ଫିନ୍‌ସର୍ଭର ସେୟାର ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଥିଲା।

ୟୁରୋପରେ ୧୨ ବିମାନକୁ ଧମକ; ଆକାଶରେ ଅଟକିଗଲା ଯାତ୍ରୀଙ୍କ ଶ୍ବାସକ୍ରିୟା!



ନୂଆଦିଲ୍ଲୀ: ୟୁରୋପରେ ଗୁରୁବାର ପୁଣି ଥରେ ସୁରକ୍ଷା ସଂସ୍ଥାଗୁଡ଼ିକ ଭୟଭୀତ ହୋଇଯାଇଛନ୍ତି। ବୋମାମାଡ଼ ଧମକ କାରଣରୁ ପାଖାପାଖି ୧୨ଟି ବିମାନକୁ ସ୍ଥାନାନ୍ତର କରିବାକୁ ପଡ଼ିଛି ଅଥବା ଜରୁରୀକାଳୀନ ଅବରତଣ କରିବାକୁ ହୋଇଛି। ଗୋଟିଏ ସପ୍ତାହ ମଧ୍ୟରେ ଏହା ହେଉଛି ଦ୍ବିତୀୟ ଘଟଣା। ତେବେ ବାରମ୍ବାର ଏଭଳି ଅଭାବନୀୟ ପରିସ୍ଥିତି ନେଇ ସୁରକ୍ଷା ସଂସ୍ଥାଗୁଡ଼ିକର ଚିନ୍ତା ବଢ଼ିଛି। ଏହି ସୁରକ୍ଷା ଆଲର୍ଟ ସମୟରେ ଡବଲିନ୍‌ରୁ ରୋମ ଅଭିମୁଖେ ଯାଉଥିବା 'Aer Lingus'ର ବିମାନ 'EI402'କୁ ପ୍ୟାରିସରୁ ୧୦୦କିମି ଦୂର ଫ୍ରାନ୍ସର ଏଭରେକ୍ସ ଏୟାରପୋର୍ଟ ଉପରେ ସୁରକ୍ଷିତ ଅବତରଣ କରାଯାଇଛି। ହେଲସିଙ୍କିରୁ ରୋମ ଅଭିମୁଖେ ଯାଉଥିବା ଫିନଏୟାରର ବିମାନକୁ ଇଟାଲିର ବାୟୁସେନାର ଲଢୁଆ ବିମାନଗୁଡ଼ିକର ହେପାଜତରେ 'ରୋମ ଫିମିସିନୋ ବିମାନବନ୍ଦର'ରେ ଅବତରଣ କରାଯାଇଥିଲା। ଇଟାଲି ପୁଲିସର ତଦନ୍ତ ବେଳେ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ। ଏହା ବ୍ୟତୀତ ପୋଲାଣ୍ଡର ଏୟାରଲାଇନ 'LOT'ର ଏକ ବିବାନ ବେଲଜିୟମର ବ୍ରେସେଲ୍ସ ଜାୱେଟମ୍ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଛି। ସେଠାରେ ତଦନ୍ତ ପରେ ଏୟାରଲାଇନ ତରଫରୁ କୁହାଯାଇଛି ଯେ, କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନାହିଁ। ଗଣମାଧ୍ୟମ ସଂସ୍ଥା ଏପି ରିପୋର୍ଟ ଅନୁସାରେ ପୂର୍ବ ଏବଂ ମଧ୍ୟ ୟୁରୋପୀୟ ଦେଶଗୁଡ଼ିକରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ବୁଲଗେରିଆରେ ୩ଟି ବିମାନ ଜରୁରୀକାଳୀନ ଅବତରଣ କରାଯାଇଛି, ଯେଉଁଥିରେ କୋପେନହେଗନ ଏବଂ ମାଦ୍ରିଦରୁ ଆସିଥିବା ୨ଟି ବିମାନ ସୋଫିଆରେ ଏବଂ ଲଣ୍ଡନରୁ ଆସିଥିବା ବିମା ପ୍ଲୋଓଦିଭରେ ଅବତରଣ କରାଯାଇଛି। ଚେକ୍ ରିପବ୍ଲିକ୍‌ର ରାଜଧାନୀ ପ୍ରାଗ ଅଭିମୁଖେ ଯାଉଥିବା ୪ଟି ବିମାନକୁ ମଧ୍ୟ ବିସ୍ଫୋରକ ଧମକ ମିଳିଛି। ସେହିପରି ରୋମାନିଆର ହେନରୀ କୋଆଣ୍ଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ମିଳାନରୁ ବୁଖାରେଷ୍ଟ ଅଭିମୁଖେ ଯାଉଥିବା ଭିଜ ବିମାନରୁ ୨୦୦ ଯାତ୍ରୀମାନଙ୍କୁ ସୁରକ୍ଷିତ ଅବତରଣ କରାଯାଇଛି। ଦୁଇ ଦିନ ପୂର୍ବରୁ ବିମାନ ଆକ୍ରମଣ ନେଇ ଧମକ ମିଳିଥିଲା। ଏହା ପରେ ବିମାନବନ୍ଦରରୁ ବିମାନ ପରିଚାଳନା ପ୍ରଭାବିତ ହୋଇଥିଲା।

ଦର୍ଲିପାଲିରେ ପାଉଁଶ ପରିବହନକୁ ନେଇ
ଗୋଷ୍ଠୀ ସଂଘର୍ଷ, ଗୁଳିମାଡ଼ରେ ଜଣେ ମୃତ



ସୁନ୍ଦରଗଡ଼: ସୁନ୍ଦରଗଡ଼ରେ ଭଷ୍ମା ଥାନା ଦର୍ଲିପାଲି ବରୋବଗାରେ ପାଉଁଶ ପରିବହନ ପାଇଁ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ରାଇଜ୍ ସଂଗଠନର ସଦସ୍ୟ ଓ ଦର୍ଲିପାଲି ଗାଁର ସୁନୀଲ ନେଟି ଓରଫ ସିଲୁ ବୋଲି ଜଣାଯାଇଛି। ଏହାପରେ ଦର୍ଲିପାଲିରେ ପ୍ରବଳ ଉତ୍ତେଜନା ସୃଷ୍ଟିହୋଇଛି। ପରିସ୍ଥିତି ନିୟନ୍ତ୍ରଣ ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ଏନ୍‌ଟିପିସି ତାପଜ ବିଦ୍ୟୁତ୍ ପ୍ରକଳ୍ପର ପାଉଁଶ ପରିବହନ ସମ୍ପର୍କିତ ଘଟଣାରେ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ତାକୁ ନେଇ ଗୁରୁବାର ସନ୍ଧ୍ୟା ସାଢ଼େ ୬ଟାରେ ଗୁଳିମାଡ଼ ହୋଇଥିବା ଅଭିଯୋଗ ହେଉଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁନୀଲଙ୍କୁ ସଂଗଠନର ଅନ୍ୟ ସଦସ୍ୟ ଓ ପୁଲିସ ଉଦ୍ଧାର କରି ପୁଲିସ ଗାଡ଼ିରେ ସୁନ୍ଦରଗଡ଼ ବଡ଼ ଡାକ୍ତରଖାନା ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ତେବେ କିଏ ଗୁଳିମାଡ଼ କରିଛି, ତାହା ସ୍ପଷ୍ଟ ହୋଇନାହିଁ। ଏନ୍‌ଟିପିସି ଦର୍ଲିପାଲିର ବରୋବଗାସ୍ଥ ପାଉଁଶ ପୋଖରୀରୁ ପାଉଁଶ ପରିବହନ ହେଉଥିଲା। ଏକ ଗୋଷ୍ଠୀ ସମନ୍ବିତ ପାଉଁଶ ପରିବହନ ମାଲିକ ସଂଘ (ୟୁଏଫଟିଓଏ) ନାମରେ ବେଆଇନ ଭାବେ ଏହାକୁ ନିୟନ୍ତ୍ରଣ କରି ଆସୁଥିଲେ। ପାଉଁଶ ପରିବହନ ସମ୍ପର୍କିତ ବିବାଦକୁ ନେଇ ଦର୍ଲିପାଲିରେ ପୂର୍ବରୁ ଅନେକ ଥର ଗଣ୍ଡଗୋଳ, ଗୁଳିଚାଳନା ହୋଇଥିଲା। କିନ୍ତୁ ପାଉଁଶ ପାଇଁ ମୁଣ୍ଡ ଗଡ଼ିବା ପ୍ରଥମ ଘଟଣା ହୋଇଥିବାରୁ ଅଞ୍ଚଳରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।

ମଇଦଲପୁର ବସଷ୍ଟାଣ୍ଡରେ ଅବ୍ୟବସ୍ଥା କେବେ ସରିବ ବସଷ୍ଟାଣ୍ଡ ଉନ୍ନତିକରଣ?



ନବରଙ୍ଗପୁର, ୦୫/୧୧ (ନାରଦ ବାର୍ତ୍ତା): ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମାଣାଧୀନ ମଇଦଲପୁର ବସଷ୍ଟାଣ୍ଡର ଉନ୍ନତିକରଣ ଓ ଶୌଚାଳୟ କାମ ଦୀର୍ଘଦିନ ଧରି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଯାତ୍ରୀଙ୍କ ସମେତ ସାଧାରଣ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ମଇଦଲପୁର ବସଷ୍ଟାଣ୍ଡର ଏଭଳି ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।ବସଷ୍ଟାଣ୍ଡରେ ଶୌଚାଳୟ ଓ ବିଶ୍ରାମ ବ୍ୟବସ୍ଥା ଅଭାବରୁ ମହିଳା, ବୟସ୍କ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ବିଶେଷ ହଇରାଣ ହେଉଛନ୍ତି। ବସ୍‌କୁ ଅପେକ୍ଷା କରୁଥିବା ଲୋକଙ୍କ ପାଇଁ ଆବଶ୍ୟକ ବସିବା ଓ ବିଶ୍ରାମ ସୁବିଧା ମଧ୍ୟ ନାହିଁ।ଦୀର୍ଘଦିନ ଧରି ନିର୍ମାଣ କାମ ଅଟକି ରହିଥିବାରୁ ଏହା କେବେ ସମ୍ପୂର୍ଣ୍ଣ ହେବ ଏବଂ ଯାତ୍ରୀଙ୍କୁ କେବେ ମୌଳିକ ସୁବିଧା ମିଳିବ, ତାହା ଏବେ ବଡ଼ ପ୍ରଶ୍ନ। ତେଣୁ ସମ୍ପୃକ୍ତ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବସଷ୍ଟାଣ୍ଡର ଉନ୍ନତିକରଣ ଓ ଶୌଚାଳୟ ନିର୍ମାଣ କାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ,
ହତ୍ୟା ସନ୍ଦେହରେ ପରିବାର!



ବଲାଙ୍ଗୀର, ୦୫/୧୧ (ନାରଦ ବାର୍ତ୍ତା): ମୁରିବାହାଲ ଅଞ୍ଚଳରୁ କାମ ସାରି ଟିଟିଲାଗଡ଼ ଫେରୁଥିବା ଜଣେ ଶିକ୍ଷକଙ୍କ ମୃତଦେହ ରାସ୍ତାକଡ଼ରୁ ଉଦ୍ଧାର ହୋଇଛି। ମୃତକ ଟିଟିଲାଗଡ଼ ଅଞ୍ଚଳର ଜିତେନ୍ଦ୍ର ସୁନା (୩୨-୩୫) ବୋଲି ଜଣାପଡ଼ିଛି। ସେ ମୁରିବାହାଲ ବସ୍ତି ୟୁପି ସ୍କୁଲରେ ଖେଳ ଶିକ୍ଷକ ଥିଲେ। ତେବେ ତାଙ୍କ ମୃତ୍ୟୁକୁ ନେଇ ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା, ଏଭଳି ସନ୍ଦେହ ପ୍ରକାଶ କରିଛନ୍ତି ପରିବାରବର୍ଗ।ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ମୁରିବାହାଲ-ହଳଦୀ ସଂଯୋଗକାରୀ ମୁଖ୍ୟ ରାସ୍ତାରେ ଏହି ଘଟଣା ଘଟିଥିଲା। ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ହୋଣ୍ଡା ସାଇନ୍ ବାଇକ୍ (OD-03-D-1208) ମୃତଦେହଠାରୁ ପ୍ରାୟ ୧୫ ଫୁଟ ଦୂରରେ ପଡ଼ିଥିଲା। ବାଇକ୍‌ରେ ବଡ଼ଧରଣର କ୍ଷୟକ୍ଷତି କିମ୍ବା ଧକ୍କାର ସ୍ପଷ୍ଟ ଚିହ୍ନ ନଥିବା ଏବଂ ମୃତକଙ୍କ ଶରୀରରେ ଆଘାତ ଚିହ୍ନ ଥିବା ଘଟଣାକୁ ନେଇ ସନ୍ଦେହ ବଢ଼ାଇଛି।ପରିବାରବର୍ଗ ଏହାକୁ ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସର ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

ବିପଦ ବେଳେ ସାହାରା ସାଜିଲା ଏନ୍‌ଏସ୍‌ଏସ୍
ନୂଆଗଡ଼ରେ ବନ୍ୟାବିପନ୍ନଙ୍କୁ ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ



ସୋରଡ଼ା, ୦୪/୦୯ (ନାରଦ ବାର୍ତ୍ତା ଲିଟୁ): ଗଞ୍ଜାମ ଜିଲ୍ଲାରେ ବନ୍ୟା ପରବର୍ତ୍ତୀ ଦୁର୍ଦ୍ଦଶା ଜାରି ରହିଥିବା ବେଳେ ବିପନ୍ନଙ୍କ ସହାୟତା ପାଇଁ ଆଗେଇ ଆସିଛି ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)। ସୋରଡ଼ା ବ୍ଲକର ନୂଆଗଡ଼ ପଞ୍ଚାୟତରେ ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ବନ୍ୟାବିପନ୍ନଙ୍କୁ ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି।ସୋରଡ଼ା ବ୍ଲକର ୧୮ଟି ପଞ୍ଚାୟତର ପ୍ରାୟ ୯ ହଜାର ଲୋକ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ନୂଆଗଡ଼, ସୁରମଣି ଓ ପାଲକାଟୁ ପଞ୍ଚାୟତରେ ସ୍ଥିତି ଅଧିକ ଗମ୍ଭୀର ହୋଇଛି। ଜଳସ୍ତର ହ୍ରାସ ପାଇଥିଲେ ମଧ୍ୟ ଘରଦ୍ୱାର, ଖାଦ୍ୟ ଓ ପାନୀୟ ଜଳ ସମସ୍ୟା ଯୋଗୁଁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି।ଏଭଳି ସମୟରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡଃ ହୃଷିକେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ନୂଆଗଡ଼ ଗ୍ରାମରେ ପହଞ୍ଚି ରନ୍ଧାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରିଥିଲେ। ବିପଦ ସମୟରେ ଛାତ୍ରଛାତ୍ରୀଙ୍କ ଏହି ସେବାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

୦୯ତାରିଖ ରାଇରଙ୍ଗପୁର ଠାରେ ଅନୁଷ୍ଠିତ ହେବ ଯୁଗ୍ମ ଜନ ଶୁଣାଣି ଶିବିର

ଜିଲ୍ଲା କାର୍ଯ୍ୟାଳୟର ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ନଭେମ୍ବର ମାସ ଦ୍ବିତୀୟ ସୋମବାର ତା ୦୯-୧୧-୨୦୨୬ ରିଖ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ.କାର୍ଯ୍ୟ ସୂଚୀ ଅନୁଯାୟୀ ଉକ୍ତ ଦିନ ଜନ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି /ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ, ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସମସ୍ତ ତହସିଲଦାର, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସମସ୍ତ ସି ଡି ପି ଓ, ଅନ୍ୟାନ୍ୟ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ ରାଇରଙ୍ଗପୁର ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀପ୍ରମୁଖଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଏଣୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ସହରାଞ୍ଚଳର ଜନସାଧାରଣବୃନ୍ଦ ନିର୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ତଥା ସାମୂହିକ ସମସ୍ୟା ସମ୍ପର୍କିତ ଆପତ୍ତି ଅଭିଯୋଗ ପତ୍ର ଗୁଡିକ ଦାଖଲ କରିପାରିବେ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚୀତ କରାଯାଉଛି।

ଦୀପାବଳିରେ ଦେଶୀ ସାମଗ୍ରୀର ଚାହିଦା
ବଢ଼ାଇବ ଓରମାସ୍ ଷ୍ଟଲ୍ ନୟାଗଡ଼ରେ ଶୁଭାରମ୍ଭ



ନୟାଗଡ଼, ୦୫/୧୧, (ନାରଦ ବାର୍ତ୍ତା): ଦୀପାବଳିକୁ ଆଖି ଆଗରେ ରଖି ସ୍ଥାନୀୟ କାରିଗର ଓ ଗ୍ରାମୀଣ ଉତ୍ପାଦକଙ୍କ ହାତତିଆରି ସାମଗ୍ରୀକୁ ବଜାର ଯୋଗାଇଦେବା ଲକ୍ଷ୍ୟରେ ନୟାଗଡ଼ରେ ଓରମାସ୍ ପକ୍ଷରୁ ସ୍ୱତନ୍ତ୍ର ଦୀପାବଳି ଷ୍ଟଲ୍ ଖୋଲାଯାଇଛି। ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ସମ୍ମୁଖରେ ଏହି ଷ୍ଟଲ୍‌କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଓ ଜିଲ୍ଲାପାଳ ମଧୁମିତା ରଥ ଉଦ୍‌ଘାଟନ କରିଥିଲେ।ଷ୍ଟଲ୍‌ରେ ସ୍ଥାନୀୟ କାରିଗର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ ଉତ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ ମାଟିଦୀପ, ଟେରାକୋଟା ସାମଗ୍ରୀ, କୃତ୍ରିମ ଫୁଲ ଏବଂ ଦୀପାବଳି ସାଜସଜ୍ଜା ଓ ଘରକରଣା ସାମଗ୍ରୀ ଉପଲବ୍ଧ ହେଉଛି। ଏହାଦ୍ୱାରା ସ୍ଥାନୀୟ ହସ୍ତଶିଳ୍ପ ଓ ଉତ୍ପାଦକଙ୍କ ସାମଗ୍ରୀକୁ ବଜାର ମିଳିବା ସହ ସେମାନଙ୍କ ଜୀବିକା ଓ ଆର୍ଥିକ ସଶକ୍ତୀକରଣକୁ ପ୍ରୋତ୍ସାହନ ମିଳିବ।ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଲପ୍ସଜିତ୍ ରାଉତ, ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ନୀଳକଣ୍ଠ ରଥଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି ଷ୍ଟଲ୍ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ସ୍ଥାନୀୟ ସାମଗ୍ରୀ କିଣି କାରିଗର ଓ ଗ୍ରାମୀଣ ଉତ୍ପାଦକଙ୍କ ଉଦ୍ୟମକୁ ସମର୍ଥନ କରିବାକୁ ନୟାଗଡ଼ବାସୀଙ୍କୁ ଅନୁରୋଧ କରାଯାଇଛି।

ବାତ୍ୟା ପରେ ଘରକୁ ଫେରିଲେ ୨୦୦ରୁ ଊର୍ଦ୍ଧ୍ୱ ବିପନ୍ନ
ତିନି ଦିନ ପରେ ଆଶ୍ରୟସ୍ଥଳୀରୁ ଘରବାହୁଡ଼ା, ସ୍ୱାସ୍ଥ୍ୟ ଯାଞ୍ଚ ଓ ଟିକାକରଣ



ଦିଗପହଣ୍ଡି, ୦୫/୧୧,(ନାରଦ ବାର୍ତ୍ତା):ବାତ୍ୟାର ପ୍ରଭାବ ହ୍ରାସ ପାଇବା ପରେ ଆଶ୍ରୟସ୍ଥଳୀରୁ ନିଜ ନିଜ ଘରକୁ ଫେରିଛନ୍ତି ୨୦୦ରୁ ଊର୍ଦ୍ଧ୍ୱ ବିପନ୍ନ। ଦିଗପହଣ୍ଡି ବ୍ଲକ ଏସ୍. ଟିକରପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବାତ୍ୟା ପୂର୍ବରୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟାଙ୍କ ଉଦ୍ୟମରେ ସେମାନଙ୍କୁ ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀକୁ ନିଆଯାଇଥିଲା।ଦୀର୍ଘ ତିନି ଦିନ ଆଶ୍ରୟସ୍ଥଳୀରେ ରହିବା ପରେ ଘରକୁ ଫେରିବା ପୂର୍ବରୁ ଦିଗପହଣ୍ଡି ବିଡିଓଙ୍କ ଉପସ୍ଥିତିରେ ସେମାନଙ୍କ ସହ ଆଲୋଚନା କରାଯାଇ ସୁବିଧା ଓ ଅସୁବିଧା ବୁଝାଯାଇଥିଲା। ଖାଦ୍ୟ, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ଟିକାକରଣ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଆବଶ୍ୟକୀୟ ଯତ୍ନ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପଦକ୍ଷେପ ପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ଘରକୁ ପଠାଯାଇଥିଲା।ଏହି ଘରବାହୁଡ଼ା କାର୍ଯ୍ୟକ୍ରମରେ ସମିତିସଭ୍ୟା ଶୈଳ ଦଳବେହେରା, ସରପଞ୍ଚ ପ୍ରତିନିଧି, ସମାଜସେବୀ ସନ୍ତୋଷ ଜାନି, ୱାର୍ଡ ସଭ୍ୟ ଓ ପୂର୍ବତନ ସମିତିସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ବିପଦ ସମୟରେ ଆଶ୍ରୟ ଓ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ଯତ୍ନ ଯୋଗାଇ ଦେଇଥିବା ପ୍ରଶାସନ ଓ ଜନପ୍ରତିନିଧିଙ୍କ ମିଳିତ ପ୍ରୟାସକୁ ଆଶ୍ରୟ ନେଇଥିବା ଲୋକେ ପ୍ରଶଂସା କରିଛନ୍ତି।

ସୀମାନ୍ତ ଗାଁରେ ପ୍ରଶାସନର ପହଞ୍ଚ,
ଆନ୍ଧ୍ରକୁ ଭୋଟ ନଦେବାକୁ ଗ୍ରାମବାସୀଙ୍କ ସମ୍ମତି
ଝୁମଡାଙ୍ଗରେ ସ୍ୱତନ୍ତ୍ର ଜନଶୁଣାଣି ଶିବିର



ମାଲକାନଗିରି: ୦୫/୧୧,(ନାରଦ ବାର୍ତ୍ତା): ଆନ୍ଧ୍ର ସୀମାନ୍ତରେ ଥିବା ଓଡ଼ିଶାର ଝୁମଡାଙ୍ଗ ଗ୍ରାମରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଜନଶୁଣାଣି ତଥା ସେବା ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମରେ ଆୟୋଜିତ ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ମୋଟ ୧୩୭ଟି ଅଭିଯୋଗ ଗ୍ରହଣ କରାଯାଇଛି।ସୀମାନ୍ତ ଅଞ୍ଚଳବାସୀଙ୍କୁ ଓଡ଼ିଶା ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ ମୌଳିକ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଠାରେ ସାମାଜିକ ସୁରକ୍ଷା, ଆଧାର ପଞ୍ଜୀକରଣ, ଶ୍ରମ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସେବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରେ ୪ଟି ସାମୂହିକ ସମସ୍ୟା ଥିବାବେଳେ ଅନ୍ୟଗୁଡ଼ିକ ଜବ୍‌କାର୍ଡ, ରାସନ କାର୍ଡ ଓ ଆବାସ ଯୋଜନା ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ। ଗ୍ରାମବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ମଧ୍ୟ ବ୍ୟବସ୍ଥା ହୋଇଥିଲା।ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଡିଓ ପ୍ରିତା କୁମାର ଓ ତହସିଲଦାର ନଟବର ଗରଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଝୁମଡାଙ୍ଗ ଗ୍ରାମବାସୀ ଆନ୍ଧ୍ରରେ ଭୋଟ ନଦେବାକୁ ସମ୍ମତି ପ୍ରକାଶ କରିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଗ୍ରାମବାସୀ ଆନ୍ଧ୍ର ନିର୍ବାଚନରେ ସାମିଲ ହେବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଓ ଆଲୋଚନା ପରେ ସେମାନେ ଏହି ନିଷ୍ପତ୍ତିରୁ ଓହରିଥିବା ଜଣାପଡ଼ିଛି।ଶିବିରରେ ଜିଲ୍ଲାପାଳ କହିଥିଲେ ଯେ, ଝୁମଡାଙ୍ଗ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମବାସୀଙ୍କ ନିକଟରେ ସମସ୍ତ ସରକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ପ୍ରଶାସନର ପ୍ରାଥମିକତା। ଏହି ଅବସରରେ ଶାନ୍ତିଶୃଙ୍ଖଳା ପାଇଁ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ସହ ସୀମାନ୍ତରେ ବ୍ୟାରିକେଡିଂ କରାଯାଇଥିଲା।

ଗଞ୍ଜାମ ଜିଲ୍ଲାରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଦେଖିଲା ପିସିସିର ତଥ୍ୟ ଅନୁଧାନକାରୀ ଦଳ
ସରକାରଙ୍କ ଅପାରଗତା ଓ ଅବହେଳାକୁ ଦାୟୀ କଲେ ପିସିସି ସଭାପତି ଭକ୍ତ ଚରଣ ଦାସ



ବ୍ରହ୍ମପୁର,୦୫/୧୧(ନାରଦ ବାର୍ତ୍ତା - ମନୋଜ କୁମାର ପାତ୍ର): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ପିସିସିର ଏକ ଟିମ୍ ଗଞ୍ଜାମ ଜିଲ୍ଲାର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଗଞ୍ଜା, ଛତ୍ରପୁର, ପୁରୁଷୋତ୍ତମପୁର, ଆସ୍କା, କବିସୂର୍ଯ୍ୟନଗର ଗସ୍ତ କରି ତଥ୍ୟ ଅନୁଧାନ କରିଥିଲେ । ଭୟଙ୍କର ବନ୍ୟା ପରର ଦୃଶ୍ୟ ଅତ୍ୟନ୍ତ ହୃଦବିଦାରକ ଥିଲା । ଲୋକଙ୍କ ଘର ଭାଙ୍ଗିରୁଜି ଯାଇଛି, ସାଇତି ରଖିଥିବା ଖାଦ୍ୟଶସ୍ୟ ବନ୍ୟା ପାଣିରେ ନଷ୍ଟ ହେଇଯାଇଛି। ପିଲାଙ୍କ ବହିଖାତା ସବୁ ନଷ୍ଟ ହେଇ ଯାଇଛି। କୋଉଠି ବୁଢ଼ୀ ମାଉସୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ପାଇ ଝାଟି ମାଟି ଘର ସଜାଡିବାରେ ଲାଗିଛି ତ ଆଉ କୋଉଠି ଯୁକ୍ତ ଦୁଇ ପଢୁଥିବା ସରସ୍ୱତୀ ଭିଜା ବହିରୁ ଭବିଷ୍ୟତ ଖୋଜୁଥିଲା। ନବରତ୍ନପୁରରେ ବନ୍ୟା ମାଡରେ ବଡ଼ବଡ଼ କୋଠା ଭୁଶୁଡ଼ି ପଡ଼ିଛି। ଅଧିକାଂଶ ସ୍ଥାନରେ ବିଜୁଳି ସଂଯୋଗ ବିଛିନ୍ନ ହୋଇଥିବା ବେଳେ ସେମାନଙ୍କ ପାଖକୁ ମହମବତୀଟେ ବି ଯୋଗାଇ ଦିଆଯାଇ ପାରୁନି। ଧାନ ଚାଷ ସମେତ ପନିପରିବା ଫସଲ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି। ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷି, କୁକୁଡ଼ା, ବତକ ଆଦି ଜୀବଜନ୍ତୁ ମଧ୍ଯ ବନ୍ୟା ଦୁର୍ଦ୍ଦଶାରୁ ବର୍ତ୍ତିପାରି ନାହାନ୍ତି । ଏତେ ସବୁ ଘଟଣା ଘଟିଗଲା ପରେ ବି ସରକାରଙ୍କ ସ୍ଥାଣୁତା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି। ବନ୍ୟା ପ୍ରପୀଡିତ ଲୋକଙ୍କ ପାଖରେ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ରନ୍ଧା ଖାଦ୍ୟ ପହଞ୍ଚାଇବାରେ ସରକାର ବିଫଳ। ବିଶୁଦ୍ଧ ପାନୀୟ ଜଳ ଲୋକଙ୍କ ପାଖରେ ପହଞ୍ଚି ପାରି ନାହିଁ। ଅଞ୍ଚଳର ଅବସ୍ଥା ଦେଖି ଜଣାପଡୁଛି ସରକାର ବନ୍ୟା ପୀଡ଼ିତାଙ୍କୁ ମ୍ୟାଲେରିଆ, ଡାଇରିଆ ଓ ଚର୍ମ ରୋଗ ଭଳି ଘାତକ ଅବସ୍ଥାକୁ ଠେଲି ଦେଉଛନ୍ତି । ଶାସକ ଦଳର ସାଂସଦ ଏବଂ ସର୍ବାଧିକ ସଂଖ୍ୟକ ବିଧାୟକ ତଥା ପ୍ରଭାବଶାଳୀ ମନ୍ତ୍ରୀ ଥିବା ସତ୍ତ୍ୱେ ଲୋକଙ୍କ ପାଖରେ ସର୍ବନିମ୍ନ ମୌଳିକ ସୁବିଧା ନ ପହଞ୍ଚିବା ଦୁର୍ଭାଗ୍ୟ ଜନକ। ଏହି ସମୟରେ ମୁଖ୍ୟମନ୍ତ୍ରୀ ଅଥବା ଦୁଇ ଦୁଇ ଜଣ ମୁଖ୍ୟମନ୍ତ୍ରୀଙ୍କ ଭିତରୁ କେହି ବି ଜଣେ ଲୋକଙ୍କ ଦୁଃଖ ବୁଝିବା ପାଇଁ ସମୟ ନ ଥିଲା ବେଳେ ଲୋକ ଦେଖାଣିଆ ଲୋକତନ୍ତ୍ର ବଞ୍ଚେଇବା ପାଇଁ ନାଟକ ବାଜି କରୁଛନ୍ତି। ଦୁର୍ଭାଗ୍ୟର କଥା ନା ମୁଖ୍ୟମନ୍ତ୍ରୀ କୋଟିଆକୁ ବଞ୍ଚେଇ ପାରିଲେ ନା ଗଂଜାମ ଜିଲ୍ଲାକୁ ବନ୍ୟାରୁ ବଞ୍ଚେଇ ପାରିଲେ। ଯଦି ସରକାର ବନ୍ୟା ସମ୍ପର୍କିତ ଆଗୁଆ ସୂଚନା ଅଞ୍ଚଳବାସୀଙ୍କୁ ଜଣେଇ ପାରିଥାନ୍ତେ ଓ ତଳିଆ ଅଞ୍ଚଳର ଲୋକଙ୍କୁ ଠିକଣା ସମୟରେ ସ୍ଥାନାନ୍ତର କରିଥାନ୍ତେ, ଆଜି ଗଞ୍ଜାମ ଜିଲ୍ଲା ବାସୀଙ୍କୁ ଏଭଳି ଦୁର୍ଦ୍ଦିନରେ ସମ୍ମୁଖୀନ ହେବାକୁ ପଡିନଥାନ୍ତା।ସରକାର ତୁରନ୍ତ ମୃତ ଚାଷୀଙ୍କ ପରିବାରଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଦିଅନ୍ତୁ, ଉଜୁଡ଼ି ଯାଇଥିବା ଶସ୍ୟର ଏମଏସପି ଆଧାରିତ ୫୦ ପ୍ରତିଶତ କ୍ଷତି ପୂରଣ ଦିଅନ୍ତୁ। ଗୃହ ଭାଙ୍ଗିଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତୁରନ୍ତ ସହାୟତା ଯୋଗାଇ ଦିଅନ୍ତୁ। ପ୍ରତି ବନ୍ୟା ପ୍ରଭାବିତ ଗାଁ ଏବଂ ପଡାରେ ଅସ୍ଥାୟୀ ପ୍ରସାଶନିକ ସହାୟତା କେନ୍ଦ୍ର ତୁରନ୍ତ ଖୋଲନ୍ତୁ।ଲୋକଙ୍କୁ ଯୁଦ୍ଧ କାଳୀନ ଭିତ୍ତିରେ ରନ୍ଧା, ଶୁଖିଲା ଖାଦ୍ୟ, ପାନୀୟ, ଔଷଧାଦିର ଆବଶ୍ୟକୀୟ ଜିନିଷ ତୁରନ୍ତ ଯୋଗାଇ ଦିଅନ୍ତୁ ବୋଲି ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ସରକାରଙ୍କ ପାଖରେ ଦାବି ରଖିଛନ୍ତି। ଏହି ଟିମରେ ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ, ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ସୋନାଲି ସାହୁ, ଦେବକାନ୍ତ ଶର୍ମା, ରାଜ୍ଯ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ, ଗଂଜାମ (ପୂର୍ବ) ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ପଶ୍ଚିମ ସଭାପତି ଦଣ୍ଡପାଣି ପାତ୍ର, ଅଶୋକ ପଟ୍ଟନାୟକ, ସାକା ସୁଜିତ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତାକାଲି ଉକ୍ତ ଟିମ୍ ବନ୍ୟା ପ୍ରପୀଡ଼ିତ ଭଞ୍ଜନଗର, ସୋରଡ଼ା, ଧରାକୋଟ, ଜାହାଡା, ସିଙ୍ଗିପୁର ଆଦି ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

କାଗଜରେ କଟକଣା,
ଗୋବିନ୍ଦପୁରରେ
ବେଆଇନ ବାଣ ବେପାର!

ଦୀପାବଳି ଉପଲକ୍ଷେ କେନ୍ଦୁଝର ସହରରେ ବାଣ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ କଡ଼ା ନିୟମ ଲାଗୁ ହୋଇଛି। ଧରଣୀଧର ବିଶ୍ୱବିଦ୍ୟାଳୟ ସମ୍ମୁଖ ପଡ଼ିଆ ଓ ପୁରୁଣାସହର ହାଟପଡ଼ିଆରେ ଦୋକାନ ଖୋଲିବାକୁ ଅନୁମତି ବାଧ୍ୟତାମୂଳକ ହୋଇଥିବାବେଳେ କେବଳ ସବୁଜ ବାଣ ବିକ୍ରି ପାଇଁ ନିର୍ଦ୍ଦେଶ ରହିଛି। ଏଥିପାଇଁ ଧରଣୀଧର ପଡ଼ିଆ ନିମନ୍ତେ ୬୨ ଓ ପୁରୁଣାସହର ହାଟପଡ଼ିଆ ପାଇଁ ୪ ଜଣ ବ୍ୟବସାୟୀ ଆବେଦନ କରିଛନ୍ତି।ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଅଗ୍ନି ନିରାପତ୍ତା, ଦୋକାନ ମଧ୍ୟରେ ନିର୍ଦ୍ଦିଷ୍ଟ ଦୂରତା ଓ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ନିୟମ ଉଲ୍ଲଂଘନ କଲେ ଜୋରିମାନା ସହ ଲାଇସେନ୍ସ ରଦ୍ଦ ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦିଆଯାଇଛି। ପୁଲିସ, ଅଗ୍ନିଶମ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ମିଳିତ ଟିମ୍ ଯାଞ୍ଚ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ମାତ୍ର ଏସବୁ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି କେନ୍ଦୁଝର ସହର ଉପକଣ୍ଠ ଗୋବିନ୍ଦପୁର ସ୍କୁଲ ନିକଟସ୍ଥ ଏକ କୋଠାରେ ଖୁଲମଖୁଲା ବାଣ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଘନ ଜନବସତି ମଧ୍ୟରେ ଥିବା ଏହି ବିଦ୍ୟାଳୟରେ ଅଙ୍ଗନବାଡ଼ିଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପଢୁଥିବାରୁ ଏଭଳି ବାଣ ବ୍ୟବସାୟ ସେମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ।

କୁଚ୍ ବେହାର ଟ୍ରଫି ପାଇଁ ଓଡ଼ିଶା ଦଳ ଘୋଷିତ, ସୁଭାଶିଷଙ୍କ ହାତରେ ଅଧିନାୟକ ଦାୟିତ୍ୱ
ପ୍ରତିଯୋଗିତାର ପ୍ରଥମ ୨ ମୁକାବିଲା ପାଇଁ ୧୮ ଖେଳାଳିଙ୍କୁ ନେଇ ଦଳ ଗଠନ



କଟକ: ୦୫/୧୧,(ନାରଦ ବାର୍ତ୍ତା): ବିସିସିଆଇର ୨୦୨୬-୨୭ ଘରୋଇ କ୍ରିକେଟ୍ ଋତୁରେ ଆୟୋଜିତ ହେବାକୁ ଥିବା କୁଚ୍ ବେହାର ଟ୍ରଫି ପାଇଁ ଓଡ଼ିଶାର ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳର ଖେଳାଳି ତାଲିକା ପ୍ରକାଶ ପାଇଛି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଯୁବ ଖେଳାଳି ସୁଭାଶିଷ ମଲ୍ଲିକଙ୍କୁ ଦଳର ମଙ୍ଗ ଧରାଯାଇଛି।ଓଡ଼ିଶା ଜୁନିୟର ପୁରୁଷ ଚୟନ କମିଟିର ଅଧ୍ୟକ୍ଷ ସୌରଜିତ ମହାପାତ୍ର ଦଳର ନାମ ଘୋଷଣା କରିଛନ୍ତି। ଦଳରେ ଆଦିତ୍ୟ ଆନନ୍ଦ, ଆୟୁଷ ରଞ୍ଜନ ମନ୍ତ୍ରୀ, ଯୋଗେଶ୍ୱର ବାଗ, କମଳେଶ ପାତ୍ର, ମୋଦିରାସ ବେହେରା, ପଣକାଳ ମୋକ୍ଷିତ, ପ୍ରୟାଣ ପ୍ରାଣ୍ଟିକ ସାମଲ, ରାଜ୍ ଯାଦବ, ରୁଦ୍ର ପ୍ରସାଦ ମଲ୍ଲିକ, ଏସ୍.ଆର୍. ଗୁଞ୍ଜନ ସାହୁ, ଶେଖ୍ ହାୟତ, ସୁଭାଶିଷ ମଲ୍ଲିକ, ସ୍ୱାଗତ ସୌରଭ ମିଶ୍ର, ସାହିଲ ସତ୍ୟବ୍ରତ ନାୟକ, ସାଇରାଜ ସାହୁ, ସୌରଭ ଯାଦବ, ଶୁଭମ ରଞ୍ଜନ ପାଲାଇ ଓ ବେଦାନ୍ତ ବିନୋଦ ଦେଭାଡେ ସ୍ଥାନ ପାଇଛନ୍ତି। ପ୍ରକାଶିତ ଖେଳସୂଚୀ ଅନୁଯାୟୀ, ନଭେମ୍ବର ୨୬ରୁ ବଲାଙ୍ଗୀରରେ ଗୋଆ ବିପକ୍ଷରେ ଓଡ଼ିଶା ତା'ର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ନଭେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୩ରୁ ବରଗଡ଼ରେ ବେଙ୍ଗଲ ବିପକ୍ଷରେ ଖେଳାଯିବ।ପରବର୍ତ୍ତୀ ପର୍ଯ୍ୟାୟରେ ହରିୟାଣା, ଜମ୍ମୁ-କାଶ୍ମୀର ଓ କର୍ଣ୍ଣାଟକ ସହ ଓଡ଼ିଶାର ମୁକାବିଲା ରହିଛି। ଡିସେମ୍ବର ୧୧ରୁ ରୋହତକ, ୧୮ରୁ ବରଗଡ଼ ଏବଂ ୨୬ରୁ ହୁବଲିରେ ଏହି ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ।ଯୁବ ପ୍ରତିଭାଙ୍କୁ ନେଇ ଗଠିତ ଏହି ଦଳ କୁଚ୍ ବେହାର ଟ୍ରଫିରେ କିଭଳି ପ୍ରଦର୍ଶନ କରୁଛି, ତାହା ଉପରେ ରାଜ୍ୟର କ୍ରିକେଟ୍ ମହଲର ନଜର ରହିଛି।

ବନ୍ୟାବିପନ୍ନଙ୍କ ପାଖରେ ନୀଳକଣ୍ଠେଶ୍ୱର ମନ୍ଦିର ସେବା ପ୍ରତିଷ୍ଠାନ
୧୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରିଲିଫ୍ ବଣ୍ଟନ; ସାମିଲ ହେଲେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ



ବ୍ରହ୍ମପୁର, ୫/୧୧, (ନାରଦ ବାର୍ତ୍ତା-ମନୋଜ କୁମାର ପାତ୍ର): ବନ୍ୟାରେ ବିପନ୍ନ ହୋଇଥିବା ଲୋକଙ୍କ ସହାୟତା ପାଇଁ ଆଗେଇ ଆସିଛି ବ୍ରହ୍ମପୁରର ନୀଳକଣ୍ଠେଶ୍ୱର ମନ୍ଦିର ସେବା ପ୍ରତିଷ୍ଠାନ କମିଟି। ଗଞ୍ଜାମ ଜିଲ୍ଲାର ବନ୍ୟା ପ୍ରଭାବିତ ଓ ଦୁର୍ଗମ ଅଞ୍ଚଳର ୧୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କମିଟି ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି।ବନ୍ୟାର ସାତ ଦିନ ପରେ ମଧ୍ୟ ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଖାଦ୍ୟ ସାମଗ୍ରୀ ପହଞ୍ଚିବାରେ ସମସ୍ୟା ଦେଖାଦେଇଥିବାରୁ କମିଟି ପକ୍ଷରୁ ନୂଆଗଡ଼, ବ୍ରାହ୍ମଣୀଦେଇ ଓ ଆସିକା ଲକ୍ଷ୍ମୀବଜାର ଅଞ୍ଚଳରେ ରିଲିଫ୍ ବଣ୍ଟନ କରାଯାଇଥିଲା। ଏଥିରେ ଚାଉଳ, ଆଳୁ, ସୋୟାବିନ୍, ବିସ୍କୁଟ ଭଳି ଶୁଖିଲା ଖାଦ୍ୟ ସହ ପଲାଉ, ଖୁରୁମା ଭଳି ରନ୍ଧା ଖାଦ୍ୟ ଏବଂ ପ୍ୟାଣ୍ଟ, ସାର୍ଟ, ଲୁଙ୍ଗି, ଶାଢ଼ୀ ଓ ଚାଦର ଆଦି ବସ୍ତ୍ର ବଣ୍ଟନ କରାଯାଇଥିଲା।କମିଟି ସଭାପତି କାଳୀକିଙ୍କର ପାତ୍ରଙ୍କ ନେତୃତ୍ୱରେ ଜଗଦୀଶ ପାଣିଗ୍ରାହୀ, ଅଜୟ କୁମାର ଦଳେଇ, ବି. ପ୍ରଶାନ୍ତ ପାତ୍ର, କେଦାର ପାଣିଗ୍ରାହୀ, ଡି. ବୀରଭଦ୍ର ରାଓ, ଜଗନ୍ନାଥ ପଣ୍ଡା, ଆକାଶ ମୂଳି, ସି.ଏଚ୍. ଶ୍ରୀନିବାସ ରାଓଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ରିଲିଫ୍ ବଣ୍ଟନରେ ସହଯୋଗ କରିଥିଲେ। ସାପ୍ତାହିକ ଖବରକାଗଜ 'ଓଁକାର ଦର୍ପଣ'ର ସମ୍ପାଦକ ଅନନ୍ତ ରାମ ପ୍ରଧାନ ଓ ଜିଲ୍ଲା ପ୍ରତିନିଧି ପ୍ରଫୁଲ୍ଲ ଚନ୍ଦ୍ର ବେହେରା ମଧ୍ୟ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ।ସେହିପରି ସୋରଡ଼ା ଋଷିକୁଲ୍ୟା ଡିଗ୍ରୀ କଲେଜର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ହୃଷୀକେଶ ମିଶ୍ରଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ରିଲିଫ୍ ବଣ୍ଟନରେ ସାମିଲ ହୋଇଥିଲେ। ଜାତି, ଧର୍ମ ଓ ବର୍ଗର ଊର୍ଦ୍ଧ୍ୱରେ ରହି ମାନବିକତାର ସେବା କରିବା ଏହି ଉଦ୍ୟମର ମୂଳ ଉଦ୍ଦେଶ୍ୟ ବୋଲି କମିଟି ପକ୍ଷରୁ କୁହାଯାଇଛି। ସହଯୋଗ କରିଥିବା ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଓ ସହଯୋଗୀଙ୍କୁ ସଭାପତି ଶ୍ରୀ ପାତ୍ର ଧନ୍ୟବାଦ ଜଣାଇଛନ୍ତି।

ଖେଳ ପଡ଼ିଆ ନା ଲଟାବୁଦାର ଆସ୍ଥାନ?
ଶୋଚନୀୟ ଅବସ୍ଥାରେ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ



ବୁଗୁଡ଼ା, ୦୫/୧୧ (ନାରଦ ବାର୍ତ୍ତା): କ୍ରୀଡ଼ାର ବିକାଶ ପାଇଁ ଷ୍ଟାଡିୟମ ନିର୍ମାଣ ହୋଇଛି, ହେଲେ ଏବେ ତାହାର ଅବସ୍ଥା ଶୋଚନୀୟ। ଲଟାବୁଦାରେ ପରିପୂର୍ଣ୍ଣ ଅସମତୁଲ ପଡ଼ିଆ, ଭଗ୍ନ ପାଚେରୀ ଓ ଅବ୍ୟବହୃତ ଗୃହ ଯୋଗୁଁ କ୍ରୀଡ଼ାବିତ୍‌ଙ୍କ ପାଇଁ ଏହା ଅନୁପଯୋଗୀ ହୋଇପଡ଼ିଛି। ବୁଗୁଡ଼ା ସହରସ୍ଥିତ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମର ଏଭଳି ଦୁରବସ୍ଥା କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଛି। ଷ୍ଟାଡିୟମର ଭୂପୃଷ୍ଠ ଅସମତୁଲ ହେବା ସହ ଲାଜକୁଳୀ ଲତା ଓ ଲଟାବୁଦାରେ ଭରି ରହିଛି। ଫଳରେ ଖେଳ ସମୟରେ ଜନ୍ତୁଜନ୍ତୁଙ୍କ ଭୟ ମଧ୍ୟ ରହୁଛି। ପାଚେରୀର ଦୁଇଟି ସ୍ଥାନ ଭାଙ୍ଗିଯାଇଛି। ଗତ ଗ୍ରୀଷ୍ମ ଅବକାଶରେ କାଳବୈଶାଖୀରେ ଗୋଟିଏ ଅଂଶ ଭାଙ୍ଗିଥିବା ବେଳେ ଅନ୍ୟ ଏକ ସ୍ଥାନକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏହା ଭିତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଗୃହଟି ମଧ୍ୟ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଅଭାବରୁ କ୍ରୀଡ଼ାବିତ୍‌ଙ୍କ କାର୍ଯ୍ୟରେ ଲାଗିପାରୁନାହିଁ।ବୁଗୁଡ଼ା ଅଞ୍ଚଳରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ଉପଯୁକ୍ତ ପଡ଼ିଆ ନଥିବାରୁ ବାଧ୍ୟ ହୋଇ ବିଭିନ୍ନ ଅନୁଷ୍ଠାନ ଏହି ଷ୍ଟାଡିୟମରେ କାମଚଳା ପ୍ରତିଯୋଗିତା ଆୟୋଜନ କରୁଛନ୍ତି। ଏଠାରେ ବହୁ ସରକାରୀ ଓ ରାଜନୈତିକ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ଏହାର ଦୁରବସ୍ଥା ସୁଧାରିବା ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ନିର୍ମାଣ ସମୟରୁ ହିଁ ପଡ଼ିଆକୁ ସମତୁଲ କରାଯାଇନଥିବା ଅଭିଯୋଗ ହୋଇଛି।ଭଗ୍ନ ପାଚେରୀ ମରାମତି ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ତ୍ତ ବିଭାଗକୁ ପୂର୍ବରୁ ନିବେଦନ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏବେ ପୁଣି ଭଞ୍ଜନଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏ ନେଇ ଅବଗତ କରାଯାଇଛି। ଷ୍ଟାଡିୟମର ପାଚେରୀ ମରାମତି, ପଡ଼ିଆ ସମତୁଲ କରିବା ଓ ଆବଶ୍ୟକ ସୁବିଧା ଯୋଗାଇ ଏହାକୁ କ୍ରୀଡ଼ା ପ୍ରତିଯୋଗିତା ଉପଯୋଗୀ କରିବାକୁ ଦାବି ହୋଇଛି।

ଦୋଷୀଙ୍କୁ ଦଣ୍ଡ, ନିର୍ଦ୍ଦୋଷଙ୍କୁ ନ୍ୟାୟ: ପୁଲିସ-ଅଭିଯୋଜନ ସମନ୍ୱୟ ବୈଠକ
ଉତ୍କୃଷ୍ଟ ମାମଲା ପରିଚାଳନା ପାଇଁ ୪ ଅଧିକାରୀ ସମ୍ମାନିତ



ପାରଳାଖେମୁଣ୍ଡି, ୦୫/୧୧, (ନାରଦ ବାର୍ତ୍ତା): ଅପରାଧ ନିୟନ୍ତ୍ରଣ ସହ ଦୋଷୀଙ୍କୁ ଦଣ୍ଡ ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ଗଜପତି ଜିଲ୍ଲା ପୁଲିସ ଓ ସରକାରୀ ଅଭିଯୋଜନ ବିଭାଗ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାଇ ମୀନାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ହୋଇଥିବା ଏହି ବୈଠକରେ ସମସ୍ତ ଥାନା ଅଧିକାରୀ ଓ ସରକାରୀ ଓକିଲ ଯୋଗ ଦେଇଥିଲେ।ମାମଲାର ତଥ୍ୟାବଳୀ ସଠିକ୍ ଭାବେ ପ୍ରସ୍ତୁତି, ତଦନ୍ତରେ ତ୍ରୁଟି ସୁଧାର, ସଙ୍ଗିନ ମାମଲାରେ ପୁଲିସ ଓ ଅଭିଯୋଜକଙ୍କ ସମସ୍ୟାର ସମାଧାନ ଏବଂ ଦଣ୍ଡହାର ବୃଦ୍ଧି ନେଇ ବିସ୍ତୃତ ଆଲୋଚନା ହୋଇଥିଲା।ବୈଠକରେ ଅବକାରୀ ବିଭାଗ ଡିଏସ୍‌ପି ପ୍ରୀତିଧାରା ନାୟକ, ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ଆର୍. ଉଦୟଗିରି ଏସ୍‌ଡିପିଓ ରାକେଶ କୁମାର ସାହୁ, ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ଓ ଅଭିଯୋଜନ ବିଭାଗର ସହ-ନିର୍ଦ୍ଦେଶକ ଡି. ଅନୁପରାଜ ଆଚାରିଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।ଉତ୍କୃଷ୍ଟ ମାମଲା ପରିଚାଳନା ଓ ଅପରାଧୀଙ୍କ ବିରୋଧରେ କଠୋର ଦଣ୍ଡବିଧାନରେ ଭୂମିକା ପାଇଁ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଆସୋସିଏଟ୍ ଲୟର ସୌମ୍ୟ ସୌରଭ ପଟ୍ଟନାୟକ, ଏପିପି କେ. ଶ୍ରୀନିବାସ ରାଓ ଓ ଗୁରାଣ୍ଡି ଥାନା ଅଧିକାରୀ ଅଶ୍ୱିନୀ କୁମାର ଭିତିରିଆଙ୍କୁ ଏସ୍‌ପି ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଭବିଷ୍ୟତରେ ମଧ୍ୟ ଉତ୍ତମ କାର୍ଯ୍ୟ ଜାରି ରଖି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ସେ ଆହ୍ୱାନ ଦେଇଥିଲେ।

ଆବାସିକ ବିଦ୍ୟାଳୟରେ ନାବାଳିକାଙ୍କ ପ୍ରସବ ଘଟଣା: ନ୍ୟାୟିକ ତଦନ୍ତ ଦାବି
ବିଜେଡି ପ୍ରତିନିଧି ଦଳର ସ୍ଥିତି ଅନୁଧ୍ୟାନ; ଦୋଷୀଙ୍କ ଗିରଫ ଓ ପୀଡ଼ିତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ




ବାରିପଦା, ୦୫/୧୧ (ନାରଦ ବାର୍ତ୍ତା): ମୟୂରଭଞ୍ଜ ଜିଲ୍ଲାର ଏକ ଆବାସିକ ବିଦ୍ୟାଳୟରେ ନାବାଳିକା ଛାତ୍ରୀଙ୍କ ଗର୍ଭଧାରଣ ଓ ଶିଶୁପୁତ୍ର ପ୍ରସବ ଘଟଣାକୁ ନେଇ ରାଜନୈତିକ ତାତି ବଢ଼ିଛି। ଘଟଣାକୁ ଗୁରୁତର ଓ ଉଦ୍‌ବେଗଜନକ ବୋଲି ଅଭିହିତ କରି ବିଜେଡି ଏହାର ନ୍ୟାୟିକ ତଦନ୍ତ ସହ ଦୋଷୀଙ୍କ ତୁରନ୍ତ ଗିରଫ ଦାବି କରିଛି।ଗୁରୁବାର ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ସମ୍ପୃକ୍ତ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାୟ ସାତ ମାସ ଧରି ଛାତ୍ରୀ ଗର୍ଭବତୀ ଥିବା ସତ୍ତ୍ୱେ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଏହା ଜାଣିପାରିଲେ ନାହିଁ, ତାହାକୁ ନେଇ ଦଳ ପ୍ରଶ୍ନ ଉଠାଇଛି। ଏହାସହ ନବଜାତ ଶିଶୁର ଉପଯୁକ୍ତ ଚିକିତ୍ସା, ଯତ୍ନ ଓ ପୁଷ୍ଟିକର ଖାଦ୍ୟ ସୁନିଶ୍ଚିତ କରିବାକୁ ଦାବି କରିଛି।ପୀଡ଼ିତା ଓ ନବଜାତ ଶିଶୁଙ୍କୁ ସୁରକ୍ଷା, ଚିକିତ୍ସା, ପରାମର୍ଶ ଓ ଥଇଥାନ ସୁବିଧା ଯୋଗାଇଦେବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ଦଳ ଦାବି କରିଛି। ପ୍ରତିନିଧି ଦଳରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ରଙ୍କ ସମେତ ଅନ୍ୟ ଦଳୀୟ ନେତା ଓ ଜନପ୍ରତିନିଧି ସାମିଲ ଥିଲେ।ସରକାର ତୁରନ୍ତ ଠୋସ୍ ପଦକ୍ଷେପ ନ ନେଲେ ବିଜେଡି ଗଣତାନ୍ତ୍ରିକ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ମଧ୍ୟ ଏକ ତଦନ୍ତକାରୀ ଦଳ ଘଟଣାର ତଦନ୍ତ ଜାରି ରଖିଛି।

ପ୍ରଶାସନ ଶୁଣିଲାନି, ନିଜ ଗାଁକୁ ନିଜେ ବାଟ କାଟୁଛନ୍ତି ଗ୍ରାମବାସୀ



ଗଜପତି, (ନାରଦ ବାର୍ତ୍ତା): ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ବର୍ଷା ହେଲେ ଯାତାୟାତ ଠପ୍। ପାହାଡ଼ରୁ ମାଟି ଅତଡ଼ା ଓ ବିଶାଳ ପଥର ଖସି ରାସ୍ତା ଅବରୋଧ କରୁଛି। ବାରମ୍ବାର ଗୁହାରି କରି ନିରାଶ ହେବା ପରେ ଶେଷରେ ନିଜ ଗାଁକୁ ନିଜେ ବାଟ କାଟିବାକୁ ଆଗେଇ ଆସିଛନ୍ତି ଗ୍ରାମବାସୀ। ଏଭଳି ଦୁର୍ଦ୍ଦଶାର ଚିତ୍ର ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଅପହଞ୍ଚ ପାହାଡ଼ିଆ ଗ୍ରାମ ଗଙ୍ଗାବାଡ଼ରୁ ସାମ୍ନାକୁ ଆସିଛି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦେଉଳାଠାରୁ ଗଙ୍ଗାବାଡ଼ର ଦୂରତା ୫ କିମିରୁ ଅଧିକ। ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ସମେତ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଗୁହାରି କରିଛନ୍ତି। ତଥାପି ସ୍ଥାୟୀ ସମାଧାନ ହୋଇନାହିଁ। ଗଙ୍ଗାବାଡ଼ରେ ୧୬୦ରୁ ଉର୍ଦ୍ଧ୍ୱ ଭୋଟର ଥିବାବେଳେ ନିକଟସ୍ଥ ଆନନ୍ଦପୁରକୁ ମିଶାଇ ଏହା ଗୋଟିଏ ୱାର୍ଡ। ଉଭୟ ଗ୍ରାମର ଜନସଂଖ୍ୟା ୩୦୦ରୁ ଅଧିକ। ସାମ୍ପ୍ରତିକ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ପାହାଡ଼ରୁ ବିରାଟ ପଥର ଓ ମାଟି ଅତଡ଼ା ଖସି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ ହୋଇଛି। ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ମଧ୍ୟ ଅବରୋଧ ହଟାଇବାକୁ ଆବଶ୍ୟକ ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ବିଶାଳ ପଥର ହଟାଇବା ପାଇଁ ଜେସିବି ମେସିନ୍‌ର ଆବଶ୍ୟକତା ରହିଛି। ପ୍ରଶାସନିକ ସହଯୋଗ ନମିଳିବାରୁ ଗ୍ରାମବାସୀ ନିଜ ଶ୍ରମ ଓ ସାମର୍ଥ୍ୟରେ ପଥର ଓ ମାଟି ଅତଡ଼ା ପାର୍ଶ୍ୱରେ ନୂଆ ବାଟ କାଟୁଛନ୍ତି। ଏକବିଂଶ ଶତାବ୍ଦୀରେ ମଧ୍ୟ ଲୋକଙ୍କୁ ନିଜ ଗାଁକୁ ଯିବା ପାଇଁ ନିଜେ ରାସ୍ତା ତିଆରି କରିବାକୁ ପଡୁଥିବା ଘଟଣା ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଇଛି। ତୁରନ୍ତ ରାସ୍ତାରୁ ପଥର ଓ ମାଟି ହଟାଇବା ସହ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ନିକଟରେ ଦାବି ହୋଇଛି।

ସମାଧି ଖୋଳି ମୃତ ଯୁବତୀଙ୍କ ମୁଣ୍ଡ ଗାଏବ!
୪୨ ଦିନ ପରେ ସାମ୍ନାକୁ ଆସିଲା ଘଟଣା; ତନ୍ତ୍ରସାଧନା ସନ୍ଦେହ! ଗ୍ରାମବାସୀଙ୍କ ତଦନ୍ତ ଦାବି



ନବରଙ୍ଗପୁର, ୦୫/୧୧/୨୬ (ନାରଦ ବାର୍ତ୍ତା): ସମାଧି ଖୋଳି ମୃତ ଯୁବତୀଙ୍କ ମୁଣ୍ଡ କାଟି ନେଇଥିବା ଅଭିଯୋଗକୁ ନେଇ ନବରଙ୍ଗପୁର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳିଯାଇଛି। ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ନରସିଂହଗୁଡ଼ା ଗ୍ରାମରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗ୍ରାମର ନୀଳାଦ୍ରି ମାଝୀ (୨୭)ଙ୍କର ଗତ ସେପ୍ଟେମ୍ବର ୨୭ ତାରିଖରେ ମିଳିମିଳା ଓ ବସନ୍ତ ରୋଗରେ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ପାରମ୍ପରିକ ବିଶ୍ୱାସ ଅନୁଯାୟୀ ମୃତଦେହକୁ ପୋତି ଦେଇଥିଲେ। ଏପରିକି ଅଘଟଣ ଆଶଙ୍କାରେ ୨୧ ଦିନ ପର୍ଯ୍ୟନ୍ତ ପରିବାର ସଦସ୍ୟମାନେ ସେହି ସ୍ଥାନରେ ରାତ୍ରିଯାପନ କରିଥିଲେ।ମୃତ୍ୟୁର ୪୨ ଦିନ ପରେ କିଛି ଗ୍ରାମବାସୀ ନିତ୍ୟକର୍ମ ପାଇଁ ଯାଇଥିବା ବେଳେ ସମାଧି ଖୋଳା ଯାଇଥିବା ଦେଖି ପରିବାରକୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ସେଠାରେ ଧଳା ଓ କଳା କୁକୁଡ଼ା, ନଡ଼ିଆ, ଶାବଳ ଓ ଛୁରୀ ପଡ଼ିଥିବା ଦେଖିଥିଲେ। ମୃତଦେହର ମୁଣ୍ଡ ନଥିବା ଜଣାପଡ଼ିବା ପରେ ତନ୍ତ୍ରସାଧନା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଇଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି।ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ ଚିହ୍ନଟ ସହ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଘଟଣା ପରେ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

ସୀମାନ୍ତ ଗାଁରେ ଦୁଇ ରାଜ୍ୟର ଯୋଜନା, ଭୋଟ ବି ଉଭୟ ରାଜ୍ୟରେ! ଓଡ଼ିଶା ଗାଁରେ ଆନ୍ଧ୍ରର ସୁବିଧା; ପ୍ରଶାସନିକ ସୀମାକୁ ନେଇ ବଢୁଛି ଦ୍ୱନ୍ଦ୍ୱ



ପାତ୍ରପୁର, ୦୫/୧୧ (ନାରଦ ବାର୍ତ୍ତା): ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ପୁଣି ତେଜିଛି ରାଜ୍ୟ ଅଧିକାରକୁ ନେଇ ବିବାଦ। ଗୋଟିଏ ପଟେ ଓଡ଼ିଶା ସରକାରଙ୍କ ଯୋଜନାରେ ସାମିଲ ହୋଇ ଲୋକେ ସୁବିଧା ପାଉଥିବା ବେଳେ ଅନ୍ୟପଟେ ଆନ୍ଧ୍ର ସରକାର ମଧ୍ୟ ଆବାସ, ଭତ୍ତା, ପାନୀୟ ଜଳ ଓ ବିଦ୍ୟୁତ ସୁବିଧା ଯୋଗାଉଥିବା ଅଭିଯୋଗ ହୋଇଛି। ଏପରିକି କିଛି ଗ୍ରାମବାସୀ ଉଭୟ ରାଜ୍ୟରେ ଭୋଟ ଦେଉଥିବା ଦାବି ଏହି ବିବାଦକୁ ଆହୁରି ଜଟିଳ କରିଛି।ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ବୁରାତାଲ ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିଖଳା ଏବଂ ତୁମ୍ବା ପଞ୍ଚାୟତର କୁଲାଡ଼ି ଓ ବାଞ୍ଜୁଆସାହି ଗ୍ରାମରେ ଏଭଳି ସ୍ଥିତି ଦେଖାଦେଇଛି। ଗୁଡ଼ିଖଳାର କିଛି ପରିବାର ଆନ୍ଧ୍ରରୁ ଆବାସ, ବାର୍ଦ୍ଧକ୍ୟ ଭତ୍ତା ଓ ପାନୀୟ ଜଳ ସୁବିଧା ପାଉଥିବା ବେଳେ ଓଡ଼ିଶା ପକ୍ଷରୁ ମଧ୍ୟ ରାସନ, ଆବାସ ଓ ଭତ୍ତା ମିଳୁଛି। ଏହି ଗ୍ରାମକୁ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ପଞ୍ଚାୟତ ଅଧୀନରେ ଦର୍ଶାଇ ସେଠାରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ନିର୍ମାଣ ହୋଇଥିବା ଜଣାପଡ଼ିଛି।ସେହିପରି କୁଲାଡ଼ି ଓ ବାଞ୍ଜୁଆସାହିରେ ଓଡ଼ିଶା ପକ୍ଷରୁ ଭତ୍ତା, ଆବାସ ଓ ବିଜୁ ପକ୍କାଘର ଯୋଜନାର ସୁବିଧା ମିଳୁଥିବା ବେଳେ ଆନ୍ଧ୍ର ପକ୍ଷରୁ ପାଣି ଟାଙ୍କି, ପାନୀୟ ଜଳ, ବିଦ୍ୟୁତ, ଭତ୍ତା ଓ ଆବାସ ଯୋଗାଇ ଦିଆଯାଉଥିବା ଅଭିଯୋଗ ରହିଛି।ଅନ୍ୟପକ୍ଷରେ, ଗୁଡ଼ିଖଳାର ୩୨ ଜଣ ହିତାଧିକାରୀଙ୍କୁ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ପରବର୍ତ୍ତୀ ରିଲିଫ୍ ବାବଦରେ ୨,୫୦୦ ଟଙ୍କା ଓ ୫୦ କିଲୋ ଚାଉଳ ଦିଆଯାଇଛି। ଗ୍ରାମବାସୀ ଆନ୍ଧ୍ରରେ ଭୋଟ ନଦେବା ପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥିଲେ ମଧ୍ୟ କୁଲାଡ଼ିର କିଛି ବାସିନ୍ଦା ଗୁରୁବାର ଆନ୍ଧ୍ରରେ ଭୋଟ ଦେଇଥିବା କହିଥିବା ଜଣାପଡ଼ିଛି। ତେବେ ଉଭୟ ରାଜ୍ୟରେ ମତଦାନ ସମ୍ପର୍କିତ ଅଭିଯୋଗର ସତ୍ୟତା ଓ ଭୋଟର ତାଲିକା ନେଇ ନିର୍ବାଚନ ବିଭାଗର ଯାଞ୍ଚ ଆବଶ୍ୟକ।ଏହି ସ୍ଥିତିକୁ ନେଇ ବରିଷ୍ଠ କଂଗ୍ରେସ ନେତା ରବୀନ୍ଦ୍ର ଦ୍ୟାନ ସାମନ୍ତରା ଚିନ୍ତା ପ୍ରକଟ କରିଛନ୍ତି। ପାତ୍ରପୁର ବ୍ଲକ ପ୍ରଶାସନ ସୀମାନ୍ତ ଗ୍ରାମଗୁଡ଼ିକ ପ୍ରତି ଆବଶ୍ୟକ ତତ୍ପରତା ଦେଖାଉନଥିବା ସେ ଅଭିଯୋଗ କରିବା ସହ ଗଞ୍ଜାମ, ଗଜପତି ଓ ଆନ୍ଧ୍ରର ସମ୍ପୃକ୍ତ ଜିଲ୍ଲାପାଳଙ୍କ ମିଳିତ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ଓ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାକୁ ଦାବି କରିଛନ୍ତି।ଗ୍ରାମଗୁଡ଼ିକର ପ୍ରକୃତ ପ୍ରଶାସନିକ ସୀମା କେଉଁଠି? ଲୋକଙ୍କ ନାମ କେଉଁ ରାଜ୍ୟର ଭୋଟର ତାଲିକାରେ ରହିଛି? ଉଭୟ ରାଜ୍ୟର ଯୋଜନାର ଆଇନଗତ ଆଧାର କ'ଣ? ଏଭଳି ଅନେକ ପ୍ରଶ୍ନ ଏବେ ସୀମାନ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଦୁଇ ରାଜ୍ୟର ଟଣାଓଟରା ଭିତରେ ସୀମାନ୍ତବାସୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ, ତାହା ଏବେ ବଡ଼ ପ୍ରଶ୍ନ।

କଥା ରଖିଲେ ମନ୍ତ୍ରୀ, ବେହେଡ଼ାରେ ଖୁସିର ଲହରୀ
୬ଟି ୱାର୍ଡରେ ୧୩ଟି ପ୍ରକଳ୍ପ ପାଇଁ ୫୬.୦୮ ଲକ୍ଷ ଟଙ୍କାର ଶୁଭାରମ୍ଭ



ଉମରକୋଟ, ୦୫/୧୧ (ନାରଦ ବାର୍ତ୍ତା): ଦେଇଥିବା ପ୍ରତିଶ୍ରୁତି ରଖିଲେ ମନ୍ତ୍ରୀ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବେହେଡ଼ା ଗ୍ରାମ ପଞ୍ଚାୟତର ୬ଟି ୱାର୍ଡରେ ୧୩ଟି ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୬,୦୮,୬୮୮ ଟଙ୍କାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ କମ୍ୟୁନିଟି ଗୃହ ଓ ସିସି ରୋଡ୍ ନିର୍ମାଣ ଅନ୍ତର୍ଭୁକ୍ତ। ମନ୍ତ୍ରୀ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାରୁ ସ୍ଥାନୀୟ ସରପଞ୍ଚ ପ୍ରମିଳା ଗଣ୍ଡ, ସମିତି ସଭ୍ୟା ଜୟମଣି ଗଣ୍ଡ ଓ ବେହେଡ଼ା ମଣ୍ଡଳ ସଭାପତି ବୈକୁଣ୍ଠ ଭତ୍ରାଙ୍କ ଉପସ୍ଥିତିରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା।ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ମଣ୍ଡଳର କର୍ମକର୍ତ୍ତା, ୱାର୍ଡ ସଭ୍ୟ ଓ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ମୌଳିକ ଭିତ୍ତିଭୂମି ବିକାଶ ଦିଗରେ ଏହି ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

ଏସ୍.କେ.ସି.ଜି. ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଯୁବା ସମ୍ବାଦ' କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୦୫.୧୧,(ନାରଦ ବାର୍ତ୍ତା - ପ୍ରଣୋଜ ପଟ୍ଟନାୟକ): ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିସ୍ଥିତ ଏସ୍.କେ. ସି.ଜି. ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମେରା ଯୁବା ଭାରତ, ଗଜପତି ପକ୍ଷରୁ 'ନିଜ ଭୋଟକୁ ଜାଣନ୍ତୁ' (Know Your Vote) ବିଷୟବସ୍ତୁକୁ ନେଇ 'ଯୁବା ସମ୍ବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ରାଧାକାନ୍ତ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଇଂରାଜୀ ବିଭାଗର ମୁଖ୍ୟ ଡ. ସୁଭାଷ ଚନ୍ଦ୍ର ପ୍ରଧାନ, ଓଡ଼ିଆ ବିଭାଗର ଶ୍ରୀ ବିପ୍ଳବ ରଞ୍ଜନ ପ୍ରଧାନ ଓ ଅନ୍ୟାନ୍ୟ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଯୁବ ଆଇକନ୍ ଶ୍ରୀକାନ୍ତ ବେହେରା ଏବଂ ସାମାଜିକ ଗଣମାଧ୍ୟମ ପ୍ରଭାବକ ଶ୍ରୀ ପୋଲାକି ମଣିକାନ୍ତ ଓ ଶ୍ରୀ ମୋଦି ମୋହନ ରାଓ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ଅତିଥିମାନେ ମତଦାନର ଗୁରୁତ୍ୱ, ମତାଧିକାରର ସଠିକ୍ ବ୍ୟବହାର ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ ସମ୍ପର୍କରେ ନିଜର ମତାମତ ରଖିଥିଲେ। ଯୁବପିଢ଼ିଙ୍କୁ ସଚେତନ ଓ ଦାୟିତ୍ୱବାନ ଭୋଟର ଭାବେ ଗଢ଼ିତୋଳିବା ଉପରେ ସେମାନେ ଗୁରୁତ୍ୱ ଦେଇଥିଲେ। ଏହାପରେ ଯୁବ ଆଇକନ୍ ଶ୍ରୀକାନ୍ତ ବେହେରା ପାୱାରପଏଣ୍ଟ ଉପସ୍ଥାପନା ମାଧ୍ୟମରେ ମତଦାନର ମହତ୍ତ୍ୱ, ଭୋଟରଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଯୁବକଯୁବତୀମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଯୁବକଯୁବତୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯିବା ସହ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ଓ ଜାତୀୟ ସଙ୍ଗୀତ ଗାନ ସହ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା।ଗଜପତି ଜିଲ୍ଲାର ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କିଶୋର ଭେମୁଲାୱାଡାଙ୍କ ନିର୍ଦ୍ଦେଶନା ଓ ଉପସ୍ଥିତିରେ ଏବଂ ଏସ୍. କେ.ସି.ଜି. ସ୍ୱୟଂଶାସିତ ମହାବିଦ୍ୟାଳୟର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା।

ବାତ୍ୟା 'ଅର୍ଣ୍ଣବ' ଓ ବନ୍ୟା କ୍ଷୟକ୍ଷତି ଆକଳନ, କେନ୍ଦ୍ରୀୟ ଟିମ୍‌ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା
ଋଷିକୁଲ୍ୟାରୁ ବାଲି ଓ ମାଟି ଉଦ୍ଧାର ପାଇଁ ଦୀର୍ଘକାଳୀନ ପଦକ୍ଷେପ ଆବଶ୍ୟକ



ଭୁବନେଶ୍ୱର, ୦୫/୧୧ (ନାରଦ ବାର୍ତ୍ତା): ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ବନ୍ୟାରେ ଓଡ଼ିଶାରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିର ଆକଳନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ରବିଶଙ୍କରଙ୍କ ନେତୃତ୍ୱରେ ଟିମ୍ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛି।ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ବନ୍ୟା, ବାତ୍ୟା ଓ ଗ୍ରୀଷ୍ମ ପ୍ରବାହ ଭଳି ପ୍ରାକୃତିକ ବିପର୍ଯ୍ୟୟ ବାରମ୍ବାର ଘଟୁଥିବାରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ କେନ୍ଦ୍ରୀୟ ଟିମ୍‌ର ରିପୋର୍ଟରେ ତତ୍କାଳ ରିଲିଫ୍ ଓ ପୁନର୍ନିର୍ମାଣ ସହ ସ୍ଥାୟୀ ପ୍ରତିକାରକୁ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ବାତ୍ୟା ଓ ବନ୍ୟା ପ୍ରତିରୋଧୀ ଭିତ୍ତିଭୂମି ନିର୍ମାଣ ଦ୍ୱାରା ରାଜ୍ୟବାସୀଙ୍କୁ ସ୍ଥାୟୀ ସମାଧାନ ମିଳିବା ସହ ବିକାଶ ଧାରା ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ।କେନ୍ଦ୍ରୀୟ ଟିମ୍‌ର ମୁଖ୍ୟ ରବିଶଙ୍କର କହିଥିଲେ, ଗଞ୍ଜାମ ଓ ଗଜପତିର ବିଭିନ୍ନ ଅଞ୍ଚଳରେ ବନ୍ୟାର ପ୍ରଭାବ ଗୁରୁତର ରହିଛି। ଗଞ୍ଜାମରେ ଋଷିକୁଲ୍ୟା ନଦୀର ବନ୍ୟାଜଳ ଅନେକ ଅଞ୍ଚଳରେ ବାଲି ଓ ମାଟି ଜମା କରିଛି। ଚାଷଜମି, ରାସ୍ତାଘାଟ, ଘରଦ୍ୱାର ଓ କାର୍ଯ୍ୟାଳୟ ଏଥିରେ ପ୍ରଭାବିତ ହୋଇଛି। ଅନେକ ଘର ଭାଙ୍ଗି ନଥିଲେ ମଧ୍ୟ ଦୁର୍ବଳ ହୋଇପଡ଼ିଛି। ତେଣୁ ଦୀର୍ଘକାଳୀନ ଭିତ୍ତିରେ ଋଷିକୁଲ୍ୟା ନଦୀରୁ ବାଲି ଓ ମାଟି ଉଦ୍ଧାର (ଡିସିଲ୍ଟିଂ) କରିବାର ଆବଶ୍ୟକତା ରହିଛି।ବ୍ୟାପକ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ ପାଇଁ ଆହୁରି ୭ରୁ ୮ ଦିନ ସମୟ ଲାଗିବ ବୋଲି ଟିମ୍ ମୁଖ୍ୟ କହିଥିଲେ। ଏଥିସହ ବାତ୍ୟା ଓ ବନ୍ୟା ପରେ ରାଜ୍ୟ ସରକାରଙ୍କ ଦ୍ରୁତ ରିଲିଫ୍ ଓ ପୁନଃସ୍ଥାପନ କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ। ରାସ୍ତାଘାଟ ପ୍ରାୟତଃ ଯାତାୟାତ ଉପଯୋଗୀ ହୋଇଥିବା ଏବଂ ବିଦ୍ୟୁତ୍ ସରବରାହ ପୁନଃସ୍ଥାପିତ ହୋଇଥିବା ସେ କହିଥିଲେ।ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷୟକ୍ଷତି ଓ ସରକାରଙ୍କ ମୁକାବିଲା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ, କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ ପାଇଁ ଆହୁରି ୭ରୁ ୮ ଦିନ ଲାଗିବ। ରାଜ୍ୟ ସରକାର ପ୍ରାରମ୍ଭିକ ଆକଳନ ଆଧାରରେ ରିଲିଫ୍ ଓ ପୁନଃସ୍ଥାପନ ପାଇଁ କେନ୍ଦ୍ରକୁ ଦାବିପତ୍ର ଦେଇଛନ୍ତି।ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍ ଓ କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ଉପସ୍ଥିତ ଥିଲେ। ବାତ୍ୟା 'ଅର୍ଣ୍ଣବ' ଓ ବନ୍ୟା କ୍ଷୟକ୍ଷତି ଆକଳନକେନ୍ଦ୍ରୀୟ ଟିମ୍‌ର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ଋଷିକୁଲ୍ୟାରୁ ବାଲି ଓ ମାଟି ଉଦ୍ଧାର ପାଇଁ ଦୀର୍ଘକାଳୀନ ପଦକ୍ଷେପ ଆବଶ୍ୟକ

ମାହାଙ୍ଗାରେ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକ ଉତ୍ସବ ଯୋଗଦେଲେ ମାହାଙ୍ଗା ବିଧାୟକ

ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲୀସାଦି ପରିସରରେ କଳିଙ୍ଗଭାରତୀ ଫାଉଣ୍ଡେସନ ଏବଂ ଅକ୍ଷୟମିତ ଫାଉଣ୍ଡେସନ ପକ୍ଷରୁ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅକ୍ଷୟମିତ୍ର ଫାଉଣ୍ଡେସନର ଜାତୀୟ ଅଧକ୍ଷ ଭି" ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ । ଉଦ୍‌ଘାଟକ ଭାବେ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଦେଶ ସାଧୀନତା ସମୟରେ ବନ୍ଦେ ମାତରମ୍ ଧ୍ୱନି କିଭଳି ଭାବରେ ଜାତୀୟ ଏକତାର ମୂଳମନ୍ତ୍ର ପାଳଟିଥିଲା ସେ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ କାରଗିଲ ଯୁଦ୍ଧର ଯୋଦ୍ଧା ତଥା ପୂର୍ବତନ ସେନାଅଧିକାରୀ ମେଜର ଏନ୍ ରଘୁନାଥ ରେଡିଂ ଯୋଗଦେଇ କାରଗିଲ ଯୁଦ୍ଧର ଅନୁଭୂତି ବଖାଣିଥିଲେ । ଯେଉଁ ଯବାନମାନେ ଦେଶ ପାଇଁ ପ୍ରାଣବଳୀ ଦେଇଛନ୍ତି ସେମାନଙ୍କୁ ଭୁଲିବା ଉଚିତ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତାଭାବେ ନ୍ୟାସନାଲ ନିଉଜ୍ ସର୍ଭିସ ଓଡ଼ିଶାର ଅଧିକାରୀ ଶ୍ରୀରାମ ଦାସ, ସମ୍ମାନୀତ ଅତିଥିଭାବେ କଳିଙ୍ଗଭାରତୀ ଫାଉଣ୍ଡେସନ ଓ ଅକ୍ଷୟମିତ୍ର ଫାଉଣ୍ଡେସନର ପରାମର୍ଶଦାତା ତଥା ଓଡ଼ିଶା ସରକାରଙ୍କ ପୁରସ୍କାରପ୍ରାପ୍ତ ଅଧିକାରୀ ରବିନ୍ଦ୍ରନାଥ ମହାନ୍ତି, ପରିବେଶ ସୁରକ୍ଷାର ଓଡ଼ିଶା ରାଜ୍ୟପ୍ରଭାରୀ ବଳରାମ ଦାସ ଏବଂ ମହାବିଦ୍ୟାଳୟର ଅଧକ୍ଷ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ବନ୍ଦେ ମାତରମ୍ ଉତ୍ସ୍ୱବର ସଂପର୍କରେ ଆଲୋକପାତ କରିବା ସହିତ ଦେଶ,ଜାତି,ପରମ୍ପରା ଓ ଯୋଦ୍ଧାମାନଙ୍କୁ ମନେରଖିବାକୁ ଆହ୍ୱାନ ଦେଇଥିଲେ । ସଦାମ୍ ଆଫ୍ରିନ ମଂଚ ପରିଚାଳନା କରିବା ସହିତ ବନ୍ଦେ ମାତରମ୍ ସଂଗୀତ ଗାନ କରିଥିଲେ । ପ୍ରାରମ୍ଭରେ ଓଡ଼ିଶୀନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଅବସରରେ ସଭାପତି ଇଂ ଶ୍ରୀ ସାମଲ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ କିଭଳି ଭାବରେ ଓଡ଼ିଶାର ସଂସ୍କୃତିକୁ ଟେକ ରଖିବା ପାଇଁ ଜଗନ୍ନାଥ ମହୋତ୍ସବ ଠାରୁ ଆରମ୍ଭ କରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚଳିତବର୍ଷ ପ୍ରଥମଥର ପାଇଁ ନୂଆଦିଲ୍ଲୀ ଠାରେ ଗଣକବି ବୈଷ୍ଣବପାଣି ଜୟନ୍ତୀ ଆୟୋଜନ କରିଥିଲେ ସେ ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯକ୍ରମରେ ୩୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ୟକ୍ତିବିଶେଷ ସମେତ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଟ୍ରଫି,ଉତ୍ତୋରିକନ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସସମ୍ବର୍ଦ୍ଧିତ କରାଯାଇଥିଲା । କଲେଜ ଅଧ୍ୟାପିକା ପୁଷ୍ପାଞ୍ଜଳି ଶତପଥି, ଗୀତାଞ୍ଜଳି ନାୟକ,କବିତା ସାମନ୍ତରାୟ, ଜୟଶ୍ରୀ ଖୁଣ୍ଟିଆ,ମମତା ନାୟକ,ଇତୀଶ୍ରୀ ସାମଲ, ମନସ୍ୱିନୀ କର, ଚିନ୍ମୟୀ ରାଉତ,ତାଞ୍ଜମି ତଲାତ୍, ବନିତା ବରାଳ,ଫର୍ଜନା ଅଞ୍ଜୁମ୍, ସୋନାଲି ପ୍ରିୟଦର୍ଶନୀ,ମାମାଲି ସୋନାଲିସା ଦାସ,ପ୍ରଶାନ୍ତ କୁମାର ସିଂହ,ଶରତ କୁମାର ବେହେରା,ଭାଗ୍ୟଧର ଘଡ଼େଇ, ବୀରବର ଖଟୁଆ, ଅକ୍ଷୟ କୁମାର ଷଡ଼ଙ୍ଗୀ, ଚୌ ରମାକାନ୍ତ ପ୍ରବରାଜ, ବିଜୟ କୁମାର ସାମଲ, ସନ୍ତୋଷ କୁମାର ମହାପାତ୍ର, ବିଶ୍ୱଜିତ ବିଶ୍ୱାଳ,ଜୟଓମ ଜୟଜଗନ୍ନାଥ, ପ୍ରଶାନ୍ତ କୁମାର ସିଂହ, ପ୍ରଫୁଲ୍ଲ କୁମାର ସିଂହ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ପବିତ୍ରମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଯୋଗଦେଇଥିଲେ ।

ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଡିଏସ୍‌ପି ଗିରିଜା ପ୍ରସାଦ ପଟ୍ଟନାୟକ ସମ୍ମାନିତ



ଆସିକା, ୦୫/୧୧,(ନାରଦ ବାର୍ତ୍ତା): ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ଉଦ୍ଧାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଞ୍ଜାମ ଜିଲ୍ଲାର ଡିଏସ୍‌ପି ଗିରିଜା ପ୍ରସାଦ ପଟ୍ଟନାୟକଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସଭା ଭବନର କନଭେନସନ୍ ସେଣ୍ଟରଠାରେ ଆୟୋଜିତ ତିନିଦିନିଆ କାର୍ଯ୍ୟକ୍ରମର ଶେଷ ଦିବସରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।ସୂଚନା ଅନୁଯାୟୀ, ରାଜ୍ୟରେ ଶିଶୁ ଓ କିଶୋର ଶ୍ରମିକ ଉଦ୍ଧାର ପାଇଁ ଗଠିତ ଅନୁସନ୍ଧାନକାରୀ ଦଳଗୁଡ଼ିକୁ ଚାରିଟି ଜୋନ୍‌ରେ ବିଭକ୍ତ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଗଞ୍ଜାମ ଜିଲ୍ଲା ପାଇଁ ଗଠିତ ଅନୁସନ୍ଧାନକାରୀ ଦଳର ନେତୃତ୍ୱ ଡିଏସ୍‌ପି ଗିରିଜା ପ୍ରସାଦ ପଟ୍ଟନାୟକ ନେଇଥିଲେ। ତାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ଶିଶୁ ଓ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯିବା ସହ ଶିଶୁ କଲ୍ୟାଣ ସମିତିଙ୍କ ମାଧ୍ୟମରେ ସେମାନଙ୍କୁ ପରିବାର ସହ ଥଇଥାନ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲା।ଏହି ସମାରୋହରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହି ତାଙ୍କୁ ସମ୍ମାନିତ କରିଥିଲେ।ଡିଏସ୍‌ପି ଶ୍ରୀ ପଟ୍ଟନାୟକଙ୍କ ଏହି ସଫଳତା ପରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଶିକ୍ଷାବିତ୍, ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିଶୁ ସୁରକ୍ଷା କ୍ଷେତ୍ରରେ ତାଙ୍କର ଏହି ଅବଦାନକୁ ପ୍ରଶଂସା କରିଛନ୍ତି।

କ୍ଷତିଗ୍ରସ୍ତ ଚାଷ ଜମିର ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ



ଗୋଷାଣୀ,୦୫/୧୧,(ନାରଦ ବାର୍ତ୍ତା): ଅର୍ଣ୍ଣବ ବାତ୍ୟା ପ୍ରଭାବରେ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ଫସଲ ନଷ୍ଟ ହୋଇଛି । ବିଶେଷ କରି ବ୍ଲକର ଶରଧାପୁର ଗ୍ରାମାଞ୍ଚଳରେ ବାତ୍ୟା ପ୍ରଭାବରେ ପଡିଥିବା ଅଜସ୍ର ବର୍ଷା ଚାଷଜମିକୁ ବୁଡେଇ ଦେଇଥିଲା । ଆଜି ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଗୋଷାଣି ବ୍ଲକ ଶରଧାପୁର ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବାତ୍ୟା 'ଅର୍ଣ୍ଣବ' ଯୋଗୁଁ କ୍ଷତିଗ୍ରସ୍ତ ଚାଷ ଜମିର ସ୍ଥିତି ଅନୁଧ୍ୟାନ କରିଥିଲେ । ପ୍ରବଳ ବର୍ଷା ଯୋଗୁଁ ଧାନ ସମେତ ଅନ୍ୟାନ୍ୟ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଥିବା ସେ ଦେଖିଥିଲେ । ଜିଲ୍ଲାପାଳଙ୍କ ସମେତ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ସୁଶ୍ରୀ ଭଗତ ସାମଲ କଲ୍ୟାଣରାଓ ଶରଧାପୁର ଗ୍ରାମାଞ୍ଚଳର କ୍ଷତିଗ୍ରସ୍ତ ଜମି ଗୁଡିକୁ ଯାଇ ନିରୀକ୍ଷଣ କରିଛନ୍ତି । ପ୍ରକାଶ ଯେ ଗୋଷାଣି ବ୍ଲକର ଶରଧାପୁର ଗ୍ରାମାଞ୍ଚଳ ମହେନ୍ଦ୍ରତନୟା ନଦୀକୁଳ ଅଞ୍ଚଳ ହୋଇଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ମୁଖ୍ୟଧାରା ଅଟେ । ତେବେ ଅର୍ଣ୍ଣବ ପ୍ରଭାବରେ ଏହି ଅଞ୍ଚଳରେ ଚାଷ ନଷ୍ଟ ହୋଇଛି । ଯାହାକୁ ନେଇ ଜିଲ୍ଲାପାଳ ସ୍ବତନ୍ତ୍ର ଭାବେ ଏହି ଅଞ୍ଚଳକୁ ନିଜେ ଗସ୍ତ କରି ନିରୀକ୍ଷଣ କରୁଛନ୍ତି । ବାତ୍ୟା ହେବା ପରଠାରୁ ଜିଲ୍ଲାପାଳଙ୍କ ଏହି ଗ୍ରାମାଞ୍ଚଳକୁ ଦ୍ବିତୀୟ ଗସ୍ତ ବୋଲି ଜଣାପଡିଛି । ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଶରଧାପୁର ସରପଞ୍ଚ ସିଏଚ୍. ପ୍ରସାଦ ରାଓ ପ୍ରମୁଖଙ୍କ ସମେତ ଚାଷୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଆଲୋଚନା କରିଥିଲେ ।

ବୁଲା କୁକୁର ନିୟନ୍ତ୍ରଣରେ ବିଇଏମ୍‌ସିର ବଡ଼ ସଫଳତା ୨୮ ଦିନରେ ୩୫୧୦ କୁକୁରଙ୍କ ବନ୍ଧ୍ୟାକରଣ

ଧାର୍ଯ୍ୟ ଲକ୍ଷ୍ୟର ୬୬% ପୂରଣ • ବନ୍ଧ୍ୟାକରଣ ସହ ରେବିସ୍ ଟିକାକରଣକୁ ଗୁରୁତ୍ୱ



ବ୍ରହ୍ମପୁର, ୦୫/୧୧ (ନାରଦ ବାର୍ତ୍ତା): ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ସହ ଜନସ୍ୱାସ୍ଥ୍ୟ ଓ ପ୍ରାଣୀ କଲ୍ୟାଣକୁ ଗୁରୁତ୍ୱ ଦେଇ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ଅଭିଯାନ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଚଳିତ ବର୍ଷ ଜାନୁଆରୀ ୧୬ରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ମାତ୍ର ୨୮ ଦିନରେ ୩୫୧୦ଟି କୁକୁରଙ୍କ ବନ୍ଧ୍ୟାକରଣ ସମ୍ପନ୍ନ ହୋଇଛି। ଏଥିମଧ୍ୟରେ ୧୮୮୦ ଅଣ୍ଡିରା ଓ ୧୬୩୦ ମାଈ କୁକୁର ରହିଛନ୍ତି। ଧାର୍ଯ୍ୟ ଲକ୍ଷ୍ୟର ପ୍ରାୟ ୬୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବାରୁ ଅଭିଯାନକୁ ନେଇ ଆଶା ବଢ଼ିଛି।ବିଇଏମ୍‌ସି ସୂତ୍ରରୁ ଜଣାପଡ଼ିଛି ଯେ, ବନ୍ଧ୍ୟାକରଣ ପରେ କୁକୁରମାନଙ୍କୁ ୪ରୁ ୫ ଦିନ ପର୍ଯ୍ୟନ୍ତ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରଖାଯାଇ ଆବଶ୍ୟକ ଚିକିତ୍ସା, ଔଷଧ ଓ ଯତ୍ନ ଯୋଗାଇ ଦିଆଯାଉଛି। ସୁସ୍ଥ ହେବା ପରେ ସେମାନଙ୍କୁ ଧରାଯାଇଥିବା ସ୍ଥାନରେ ପୁନର୍ବାର ଛାଡ଼ି ଦିଆଯାଉଛି। ଏହାଦ୍ୱାରା କୁକୁରଙ୍କ ପ୍ରତି ମାନବିକ ଆଚରଣ ସହ ସହରର ପରିବେଶ ଓ ଜୈବିକ ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।ପୂର୍ବ ସର୍ଭେ ଅନୁଯାୟୀ, ବ୍ରହ୍ମପୁର ସହରରେ ପ୍ରାୟ ୫୩୦୦ରୁ ଅଧିକ ବୁଲା କୁକୁର ଥିବା ଆକଳନ କରାଯାଇଛି। ଏକ ବର୍ଷ ମଧ୍ୟରେ ସମସ୍ତ କୁକୁରଙ୍କ ବନ୍ଧ୍ୟାକରଣ ଶେଷ କରିବାକୁ ବିଇଏମ୍‌ସି ଲକ୍ଷ୍ୟ ରଖିଛି। ବର୍ତ୍ତମାନର ଅଗ୍ରଗତିକୁ ଦୃଷ୍ଟିରେ ରଖି ଧାର୍ଯ୍ୟ ସମୟରେ ଲକ୍ଷ୍ୟ ପୂରଣ ହେବ ବୋଲି ପ୍ରଶାସନ ଆଶା ପ୍ରକାଶ କରିଛି।ମେୟର ସଂଘମିତ୍ରା ଦଳେଇ କହିଛନ୍ତି, ବୁଲା କୁକୁରଙ୍କୁ କ୍ଷତି ନ ପହଞ୍ଚାଇ ବୈଜ୍ଞାନିକ ଓ ମାନବିକ ପଦ୍ଧତିରେ ସଂଖ୍ୟା ନିୟନ୍ତ୍ରଣ କରିବା ହିଁ ସମସ୍ୟାର ସ୍ଥାୟୀ ସମାଧାନ। ଏଥିପାଇଁ ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ବିଇଏମ୍‌ସି କମିଶନର ଏ. ଶସ୍ୟା ରେଡ୍ଡୀଙ୍କ ମତରେ, ଏହି ଅଭିଯାନ ଜନସ୍ୱାସ୍ଥ୍ୟ ସୁରକ୍ଷା ସହ ମଣିଷ ଓ ପଶୁଙ୍କ ମଧ୍ୟରେ ସୁସ୍ଥ ସହାବସ୍ଥାନ ସୃଷ୍ଟି କରିବାର ଏକ ଫଳପ୍ରଦ ପଦକ୍ଷେପ। ଏହାର ସଫଳତା ପାଇଁ ସହରବାସୀଙ୍କ ସଚେତନତା ଓ ସହଯୋଗ ଜରୁରୀ।ପଶୁ ଚିକିତ୍ସା ବିଶେଷଜ୍ଞ ଡ. ସତ୍ୟନାରାୟଣ କର କହିଛନ୍ତି, ବନ୍ଧ୍ୟାକରଣ ଓ ଟିକାକରଣ ବୁଲା କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ଓ ରେବିସ୍ ସଂକ୍ରମଣ ରୋକିବାର ବୈଜ୍ଞାନିକ, ମାନବିକ ଓ ଦୀର୍ଘସ୍ଥାୟୀ ପଦ୍ଧତି। ଏହାଦ୍ୱାରା ପ୍ରାଣୀ କଲ୍ୟାଣ ଓ ଜନସ୍ୱାସ୍ଥ୍ୟ ସୁରକ୍ଷା ଉଭୟ ସମ୍ଭବ।ଅନ୍ୟପକ୍ଷରେ, ବନ୍ଧ୍ୟାକରଣ କେନ୍ଦ୍ରର କାର୍ଯ୍ୟପ୍ରଣାଳୀ ଓ ବ୍ୟବସ୍ଥାର ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର କମିଟି କେନ୍ଦ୍ର ପରିଦର୍ଶନ କରିଥିଲା। କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ. ଅଞ୍ଜନ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବନ୍ଧ୍ୟାକରଣ ପ୍ରକ୍ରିୟାରେ ବାହାର କରାଯାଉଥିବା ଅଙ୍ଗପ୍ରତ୍ୟଙ୍ଗକୁ ନିର୍ଦ୍ଧାରିତ ଜୈବ-ଚିକିତ୍ସା ବର୍ଜ୍ୟ ପରିଚାଳନା ନିୟମ ଅନୁଯାୟୀ ପୋତାଯାଉଥିବା କମିଟି ସ୍ପଷ୍ଟ କରିଛି।ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ, ରୋଗ ପ୍ରତିରୋଧ, ପ୍ରାଣୀ କଲ୍ୟାଣ ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ଏକାଠି ଗୁରୁତ୍ୱ ଦେଉଥିବା ବିଇଏମ୍‌ସିର ଏହି ଅଭିଯାନ ସହର ପାଇଁ ଏକ ସକାରାତ୍ମକ ପଦକ୍ଷେପ ଭାବେ ଦେଖାଦେଇଛି।

ଆସିକା କଂଗ୍ରେସ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ



ଆସିକା: ୦୫/୧୧,(ନାରଦ ବାର୍ତ୍ତା): ଆସିକା ଅଞ୍ଚଳରେ ବନ୍ୟା ପ୍ରଭାବିତ ଲୋକଙ୍କ ସହାୟତା ପାଇଁ ଆସିକା କଂଗ୍ରେସ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ଆସିକା ଲୋକସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ଏହି ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ କଂଗ୍ରେସର ଯୁବ ଓ ଛାତ୍ର ନେତା ତଥା କର୍ମୀମାନେ ସାମିଲ ହୋଇଥିଲେ।ଆସିକା ପୌର ପରିଷଦର ୧୮ଟି ୱାର୍ଡ ସମେତ ମଙ୍ଗଳପୁର ପଞ୍ଚାୟତ, ଦେବଭୂମି, ପାଟିଳିଗୁଡ଼ା ଓ ଜଗନ୍ନାଥପଲ୍ଲୀ ଅଞ୍ଚଳରେ ହଜାର ହଜାର ବନ୍ୟା ପ୍ରଭାବିତ ଲୋକଙ୍କୁ ଚୂଡ଼ା, ଚିନି,ପାଣି, ଫଳ, ରୋଷେଇ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା।ବନ୍ୟା ଯୋଗୁଁ ଜୀବନ ଓ ଜୀବିକା ପ୍ରଭାବିତ ହୋଇଥିବା ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢ଼ାଇବା ସହ ଏହି ବିପଦ ସମୟରେ ଲୋକଙ୍କ ପାଖରେ ରହିବାର ବାର୍ତ୍ତା ଦେଇଥିଲା କଂଗ୍ରେସ ଟିମ୍।

ବେହାଲ ଦଶା ଭୋଗୁଛି ଶତାୟୁ ବର୍ଷର ହରିହର ହାଇସ୍କୁଲ !



ଆସିକା, ୦୫/୧୧,(ନାରଦ ବାର୍ତ୍ତା): ଶତାୟୁ ବର୍ଷର ଗୌରବମୟ ଇତିହାସ ବହନ କରୁଥିବା ଆସିକାର ପିଏମ୍ ଶ୍ରୀ ହରିହର ଉଚ୍ଚ ବିଦ୍ୟାଳୟ ଏବେ ବନ୍ୟା ବିପର୍ଯ୍ୟୟରେ ଗୁରୁତର କ୍ଷତିଗ୍ରସ୍ତ। ଚଳିତ ବର୍ଷର ବନ୍ୟା ବିଦ୍ୟାଳୟର ଭିତ୍ତିଭୂମି ସହ ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ବହୁ ମୂଲ୍ୟବାନ ସାମଗ୍ରୀକୁ ନଷ୍ଟ କରିଦେଇଛି। ଫଳରେ ଏହି ପୁରାତନ ଶିକ୍ଷାନୁଷ୍ଠାନର ଭବିଷ୍ୟତ ଓ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ନେଇ ଏବେ ଚିନ୍ତା ବଢ଼ିଛି।ସୂଚନା ଅନୁଯାୟୀ, ବନ୍ୟାଜଳ ବିଦ୍ୟାଳୟ ପରିସରରେ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଦ୍ୟାଳୟର କମ୍ପ୍ୟୁଟର ଶିକ୍ଷା ପାଇଁ ଥିବା ଉପକରଣ, ଆସବାବପତ୍ର, ବିଜ୍ଞାନ ପରୀକ୍ଷାଗାରର ବିଭିନ୍ନ ସାମଗ୍ରୀ ଏବଂ ୫-ଟି ବିଦ୍ୟାଳୟ ଅଧୀନରେ ଉନ୍ନତିକରଣ କରାଯାଇଥିବା ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ଉପକରଣ ଓ ସାମଗ୍ରୀ ବନ୍ୟାଜଳରେ ନଷ୍ଟ ହୋଇଯାଇଛି। ଏହି କ୍ଷତି କେବଳ ବିଦ୍ୟାଳୟର ସମ୍ପତ୍ତିକୁ ପ୍ରଭାବିତ କରିନାହିଁ, ବରଂ ଛାତ୍ରଛାତ୍ରୀଙ୍କ ବ୍ୟବହାରିକ ଶିକ୍ଷା ଓ ଆଧୁନିକ ଶିକ୍ଷାଦାନ ବ୍ୟବସ୍ଥାକୁ ମଧ୍ୟ ବାଧାପ୍ରାପ୍ତ କରିଛି।ଏକ ଶତାୟୁ ଶିକ୍ଷାନୁଷ୍ଠାନର ଏଭଳି ଦୁରବସ୍ଥାକୁ ନେଇ ଅଭିଭାବକ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ସରକାର ଗୁଣାତ୍ମକ ଶିକ୍ଷା, ଡିଜିଟାଲ ଶିକ୍ଷା ଓ ଆଧୁନିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଥିବା ବେଳେ ବନ୍ୟାରେ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ନଷ୍ଟ ହୋଇଯିବା ପରେ ପିଲାମାନେ କିଭଳି ଗୁଣାତ୍ମକ ଶିକ୍ଷା ପାଇବେ, ତାହା ଏବେ ବଡ଼ ପ୍ରଶ୍ନ ହୋଇଛି।ବିଦ୍ୟାଳୟର କ୍ଷୟକ୍ଷତିର ତୁରନ୍ତ ଆକଳନ କରିବା ସହ ନଷ୍ଟ ହୋଇଥିବା କମ୍ପ୍ୟୁଟର, ଲାବୋରେଟୋରୀ ଉପକରଣ, ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀର ପୁନଃ ବ୍ୟବସ୍ଥା କରିବାକୁ ଅଭିଭାବକ ମହଲରୁ ଦାବି ହେଉଛି। ଏହି ଐତିହାସିକ ଶିକ୍ଷାନୁଷ୍ଠାନର ପୂର୍ବ ଗୌରବ ଫେରାଇ ଆଣିବା ସହ ବିଦ୍ୟାର୍ଥୀମାନଙ୍କ ଶିକ୍ଷା ଯେପରି ପ୍ରଭାବିତ ନହୁଏ, ସେଥିପାଇଁ ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି।

ଫସଲ ବୀମା ଯୋଜନା ପାଇଁ ୨୦୧ ଅଧିକାରୀଙ୍କୁ ତାଲିମ

ଚଳିତ ୨୦୨୬-୨୭ କୃଷିବର୍ଷର ଖରିଫ ଧାନ ଉତ୍ପାଦନ ଆକଳନ ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ କେନ୍ଦୁଝର ଜିଲ୍ଲାରେ ଶସ୍ୟ କାଟ ପରୀକ୍ଷଣ (ସିସିଇ) ସମ୍ପର୍କିତ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ବ୍ୟାଚ୍‌ରେ ମୋଟ ୨୦୧ ଜଣ ଅଧିକାରୀ ଓ କର୍ମଚାରୀ ଏହି ତାଲିମ ଗ୍ରହଣ କରିଛନ୍ତି।ନଭେମ୍ବର ୩ ତାରିଖରେ ପ୍ରଥମ ବ୍ୟାଚ୍‌ରେ ଆନନ୍ଦପୁର, ଘଷିପୁରା, ହରିଚନ୍ଦନପୁର, ହାଟଡିହି, ପାଟଣା, ସାହାରପଡ଼ା ଓ ତେଲକୋଇ ବ୍ଲକ୍‌ର ୧୦୬ ଜଣ ଏବଂ ନଭେମ୍ବର ୪ ତାରିଖରେ ଦ୍ୱିତୀୟ ବ୍ୟାଚ୍‌ରେ ବାଂଶପାଳ, ଚମ୍ପୁଆ, ଘଟଗାଁ, ଝୁମ୍ପୁରା, ଯୋଡ଼ା ଓ କେନ୍ଦୁଝର ସଦର ବ୍ଲକ୍‌ର ୯୫ ଜଣ ତାଲିମ ନେଇଥିଲେ।ଏଥିରେ ବିଭିନ୍ନ ତହସିଲର ୫୩ ଜଣ ରାଜସ୍ୱ ନିରୀକ୍ଷକ ଓ ସହକାରୀ ରାଜସ୍ୱ ନିରୀକ୍ଷକ, ବ୍ଲକ୍‌ସ୍ତରର ୧୧୮ ଜଣ କୃଷି ଓଭରସିୟର ଓ ଭିଏଡବ୍ଲୁ ଏବଂ ୩୦ ଜଣ ପରିସଂଖ୍ୟାନ ଅଧିକାରୀ ଓ କ୍ଷେତ୍ର ସର୍ଭେୟର ଯୋଗ ଦେଇଥିଲେ।ଚଳିତ ବର୍ଷ ହରିଚନ୍ଦନପୁର ବ୍ଲକ୍‌ର ଦୈତାରୀ ଓ ଯୋଡ଼ା ବ୍ଲକ୍‌ର କୁରୁଡ଼ି ପଞ୍ଚାୟତକୁ ବାଦ୍ ଦେଇ ଜିଲ୍ଲାର ଅନ୍ୟ ୨୯୫ଟି ପଞ୍ଚାୟତ ସମେତ ସମସ୍ତ ୫ଟି ପୌରାଞ୍ଚଳ ଓ ଏନ୍‌ଏସିରେ ମୋବାଇଲ୍ ଆପ୍ ମାଧ୍ୟମରେ ଅନଲାଇନ୍‌ରେ ଧାନ ଶସ୍ୟ କାଟ ପରୀକ୍ଷଣ କରାଯିବ। ଏହାଦ୍ୱାରା ଜିଲ୍ଲାର ଧାନ ଉତ୍ପାଦନ ସମ୍ପର୍କିତ ସଠିକ୍ ତଥ୍ୟ ଆକଳନ କରାଯାଇ ଫର୍ମ-୮ ମାଧ୍ୟମରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ।ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଉଦ୍‌ଘାଟନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଭୁଲ୍ ଓ ସଠିକ୍ ପଦ୍ଧତିରେ ମୋବାଇଲ୍ ଆପ୍ ଜରିଆରେ ଶତପ୍ରତିଶତ ଶସ୍ୟ କାଟ ପରୀକ୍ଷଣ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କବିତା ବେହେରା ଏବଂ ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ତାଲିମପ୍ରାପ୍ତ କର୍ମଚାରୀମାନଙ୍କୁ କ୍ଷେତ୍ରସ୍ତରରେ ନିର୍ଭୁଲ୍ ତଥ୍ୟ ସଂଗ୍ରହ କରି ଫର୍ମ-୮ରେ ରିପୋର୍ଟ ଦେବା ସହ ସରକାରୀ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ।ଓଡ଼ିଶା ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଜିଲ୍ଲା ପ୍ରଶାସନ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହଯୋଗରେ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ପକ୍ଷରୁ ଏହି ତାଲିମ ଆୟୋଜିତ ହୋଇଥିଲା। ମାଷ୍ଟର ଟ୍ରେନର ଭାବେ ସମିତ୍ କୁମାର ଘୋଷ, ଦୀପାଞ୍ଜଳୀ ମହାପାତ୍ର ଓ ଜେନେରାଲି ସେଣ୍ଟ୍ରାଲ୍ ଇନ୍‌ସ୍ୟୁରାନ୍ସ କମ୍ପାନୀର ଜିଲ୍ଲା ସଂଯୋଜକ ସୌଭାଗ୍ୟ କୁମାର ଦାସ ତାଲିମ ପ୍ରଦାନ କରିଥିଲେ। ଶେଷରେ ପରିସଂଖ୍ୟାନ ଅଧିକାରୀ ଅନୁପମା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାଜଲ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

ବିଶୋଇରେ ଜିଲ୍ଲାପାଳଙ୍କ ତୁଫାନୀ ଗସ୍ତ

ଅଧାପନ୍ତରିଆ ପ୍ରକଳ୍ପ ଓ ଦୁର୍ବଳ ଭିତ୍ତିଭୂମିର ତ୍ୱରିତ ସୁଧାର ପାଇଁ ନିର୍ଦ୍ଦେଶ



ବାରିପଦା, ୦୪/୧୧ (ନାରଦ ବାର୍ତ୍ତା): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ବିଶୋଇ ବ୍ଲକର ବିଭିନ୍ନ ଅଞ୍ଚଳକୁ ଗସ୍ତ କରି ଉନ୍ନୟନମୂଳକ ପ୍ରକଳ୍ପ ଓ ଭିତ୍ତିଭୂମିର ସ୍ଥିତି ସମୀକ୍ଷା କରିଛନ୍ତି। ଅଧାପନ୍ତରିଆ କାର୍ଯ୍ୟର ତ୍ୱରିତ ସମ୍ପୂର୍ଣ୍ଣତା ଓ ମୌଳିକ ସୁବିଧାର ଉନ୍ନତି ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଗସ୍ତରେ ଜିଲ୍ଲାପାଳ ବିଶୋଇ-ଶଙ୍ଖାଭଙ୍ଗା ଭାୟା ହାତୀଛାଡ଼ ରାସ୍ତାର ନିର୍ମାଣ ଶୀଘ୍ର ଆରମ୍ଭ କରିବାକୁ କହିଥିଲେ। ଦ୍ୱାରଶୁଣୀ ଘାଟିରେ ଯାତାୟାତ ବାଧାପ୍ରାପ୍ତ ହେଲେ ଏହା ବିକଳ୍ପ ରାସ୍ତା ହେବ ବୋଲି ସେ ମତ ଦେଇଥିଲେ। ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଛାତ ଓ କାନ୍ଥରୁ ପାଣି ଗଳୁଥିବା ସମସ୍ୟାର ତୁରନ୍ତ ମରାମତି ସହ ରଳିଆବିନ୍ଧାରେ ପ୍ରସ୍ତାବିତ ନୂତନ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣ ଓ ଟେଣ୍ଡର ପ୍ରକ୍ରିୟା ସମୀକ୍ଷା କରିଥିଲେ।ମହୁଭଣ୍ଡାର ଖଡ଼ିଆସାହିରେ ବିଦ୍ୟୁତ ସଂଯୋଗ ନଥିବା ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ବିଦ୍ୟୁତ କିମ୍ବା ସୌରଶକ୍ତି ଯୋଗାଣ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।କାଦୁଆଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ବିଦ୍ୟାଳୟ ଭାବେ ରୂପାନ୍ତରଣ ପାଇଁ ଜମି ପରିଦର୍ଶନ କରିବା ସହ ଖେଳପଡ଼ିଆର ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇଥିଲେ। ଜାମିରଡ଼ିହା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତରୁ କଂକ୍ରିଟ ଖଣ୍ଡ ଖସୁଥିବା ଦେଖି ଅସନ୍ତୋଷ ପ୍ରକାଶ କରି ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ।ଗସ୍ତ ସମୟରେ ବିଶୋଇ ତହସିଲଦାର, ବିଡିଓ, ପୂର୍ତ୍ତ ଓ ଜଳସେଚନ ବିଭାଗର ଅଧିକାରୀ, ବିଇଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ସ୍କର୍ପିଓ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ,

ଢେଙ୍କାନାଳ ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ନାମକୁ ନେଇ ଚର୍ଚ୍ଚା



କଟକ, ୦୫/୧୧,(ନାରଦ ବାର୍ତ୍ତା): ମଧୁପାଟଣା ଥାନା ଅନ୍ତର୍ଗତ ନେତାଜୀ ନଗର ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ସ୍କର୍ପିଓ ଗାଡ଼ି ଧକ୍କାରେ ପ୍ରାଣ ହରାଇଛନ୍ତି ପ୍ରଦୀପ ପରିଡ଼ା। ତେବେ ଦୁର୍ଘଟଣାଗ୍ରସ୍ତ ଗାଡ଼ିରେ 'ଢେଙ୍କାନାଳ ପୌରପାଳିକା ନିର୍ବାହୀ ଅଧିକାରୀ' ବୋଲି ଲେଖା ରହିଥିବାରୁ ଘଟଣାଟି ଭିନ୍ନ ମୋଡ଼ ନେଇଛି।ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ପ୍ରଦୀପ ରାସ୍ତା ପାର୍ ହେଉଥିବା ସମୟରେ OD 06 P 9091 ନମ୍ବର ବିଶିଷ୍ଟ ସ୍କର୍ପିଓଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଧକ୍କାରେ ସେ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଯାଇଥିଲେ। ଗୁରୁତର ଆଘାତ ଓ ପ୍ରବଳ ରକ୍ତସ୍ରାବ ଯୋଗୁଁ ଘଟଣାସ୍ଥଳରେ ହିଁ ତାଙ୍କ ଜୀବନ ଚାଲିଯାଇଥିଲା।ଘଟଣା ସମ୍ପର୍କରେ ଖବର ପାଇ ମଧୁପାଟଣା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା।ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି, ଦୁର୍ଘଟଣା ଘଟାଇଥିବା ଗାଡ଼ିରେ ଢେଙ୍କାନାଳ ପୌରପାଳିକାର ନିର୍ବାହୀ ଅଧିକାରୀଙ୍କ ନାମ ଲେଖା ରହିଛି। ଉକ୍ତ ଅଧିକାରୀ ପୂର୍ବରୁ କେନ୍ଦ୍ରାପଡ଼ା ବିଡିଓ ଭାବେ କାର୍ଯ୍ୟ କରିଥିବା ମଧ୍ୟ ଜଣାପଡ଼ିଛି। ଦୁର୍ଘଟଣା ପରେ ଗାଡ଼ିରେ ଥିବା ଅଧିକାରୀ ଘଟଣାସ୍ଥଳ ଛାଡ଼ି ପଳାଇଥିବା ନେଇ ଅଭିଯୋଗ ଉଠିଛି।ତେବେ ଦୁର୍ଘଟଣା ସମୟରେ ଗାଡ଼ିର ଷ୍ଟିୟରିଂରେ କିଏ ଥିଲେ? ଗାଡ଼ିରେ ଅଧିକାରୀ ନିଜେ ଉପସ୍ଥିତ ଥିଲେ କି? ଦୁର୍ଘଟଣା ପରେ ସେ କାହିଁକି ଘଟଣାସ୍ଥଳ ଛାଡ଼ିଥିଲେ? ଏଭଳି ଅନେକ ପ୍ରଶ୍ନ ଏବେ ଉଠିଛି। ଏସବୁ ଦିଗକୁ ନେଇ ପୁଲିସର ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚା ଜାରି ରହିଛି।

ବାତ୍ୟା ଓ ବନ୍ୟା ପ୍ରଭାବିତ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫି' ଛାଡ଼ ପାଇଁ

ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବୀ



ବ୍ରହ୍ମପୁର,୦୫/୧୧,(ନାରଦ ବାର୍ତ୍ତା - ମନୋଜ କୁମାର ପାତ୍ର):'ଅର୍ଣ୍ଣବ' ବାତ୍ୟା ଓ ବନ୍ୟାରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ହଜାର ହଜାର ପରିବାର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷାଜୀବନ ଉପରେ ମଧ୍ୟ ପଡ଼ିଛି। ବନ୍ୟାରେ ପାଠ୍ୟପୁସ୍ତକ, ଖାତା, ସ୍କୁଲ ବ୍ୟାଗ୍ ଓ ପୋଷାକ ନଷ୍ଟ ହେବା ସହ ଅଭିଭାବକମାନେ ରୋଜଗାର ହରାଇ ଆର୍ଥିକ ସଂକଟରେ ପଡ଼ିଛନ୍ତି। ଏଭଳି ପରିସ୍ଥିତିରେ ପରୀକ୍ଷା ଫର୍ମ ପୂରଣ ଓ ଫି' ପ୍ରଦାନ ପ୍ରଭାବିତ ଛାତ୍ରଛାତ୍ରୀଙ୍କ ପାଇଁ ଅତିରିକ୍ତ ବୋଝ ହୋଇଛି। ଆର୍ଥିକ ଅନଟନ ଯୋଗୁଁ କୌଣସି ଛାତ୍ରଛାତ୍ରୀ ଯେପରି ପରୀକ୍ଷା ଦେବାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଗଞ୍ଜାମ ଓ ଗଜପତି ଜିଲ୍ଲାର ବାତ୍ୟା ଓ ବନ୍ୟା ପ୍ରଭାବିତ ଛାତ୍ରଛାତ୍ରୀଙ୍କ ସମସ୍ତ ପରୀକ୍ଷା ଫି' ସମ୍ପୂର୍ଣ୍ଣ ଛାଡ଼, ଫର୍ମ ପୂରଣ ଅବଧି ବୃଦ୍ଧି ଓ ବିଳମ୍ବଜନିତ ଜରିମାନା ଛାଡ଼ କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି।ଏଥିସହ ବନ୍ୟାରେ ନଷ୍ଟ ହୋଇଥିବା ପାଠ୍ୟପୁସ୍ତକ, ଖାତା, ସ୍କୁଲ ବ୍ୟାଗ୍ ଓ ଅନ୍ୟାନ୍ୟ ଶିକ୍ଷା ସାମଗ୍ରୀ ମାଗଣାରେ ଯୋଗାଇବା, କ୍ଷତିଗ୍ରସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମରାମତି ଓ ପୁନରୁଦ୍ଧାର କରିବା ସହ ପ୍ରଭାବିତ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶିକ୍ଷା ଓ ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଞ୍ଚ ଦାବି କରିଛି। ଏହି ମର୍ମରେ ମଞ୍ଚ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ଗୁଣନିଧି ବେହେରା, ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ଗଗନ ଚାନ୍ଦ ପ୍ରଧାନ, ମନୋଜ କୁମାର ତରାଇ, ହୃଷୀକେଶ ପାତ୍ର, ଶିକ୍ଷକ ସଙ୍ଗଠନ ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ବିଜୟ କୁମାର ପାଢୀ, ଆପ୍ ନେତା ଆଦିତ୍ୟ ନାରାୟଣ ରଥ, ଜୟକୃଷ୍ଣ ନାୟକ, ଅଧ୍ୟାପକ ମନୋରଞ୍ଜନ ସାହୁ, ସମାଜସେବୀ ସରିତା ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଚାଷୀଙ୍କ ଋଣ ହଡ଼ପ କୁ ନେଇ ଉଚ୍ଚ ସ୍ତରୀୟ ତଦନ୍ତ



ବଡଚଣା: ୦୫/୧୧,(ନାରଦ ବାର୍ତ୍ତା) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଶାଖା କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଚାଷୀ ମାନଙ୍କ ଋଣ ହଡ଼ପକୁ ନେଇ ଉଚ୍ଚ ସ୍ତରୀୟ ତଦନ୍ତ ଆରମ୍ଭ। ରାଜ୍ୟ ଓ ଜିଲ୍ଲା ସମବାୟ ବିଭାଗ କରୁଛି ମିଳିତ ତଦନ୍ତ। ବଡ଼ଚଣା ବ୍ଲକ ରଇପୁର ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ କୁମାର ସେନାପତିଙ୍କ ବିରୋଧରେ ଋଣ ହଡ଼ପର ଅଭିଯୋଗ ହୋଇଥିବା ଜଣାପଡ଼ିଛି। ରଇପୁର ସମବାୟ ସମିତି କାର୍ଯ୍ୟାଳୟରେ ପଞ୍ଜିକରଣ କରିଥିବା ଚାଷୀମାନେ ସ୍ଥାନୀୟ ବିଧାୟକ ଅମର କୁମାର ନାୟକଙ୍କ ନିକଟରେ କିଛି ଦିନ ତଳେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ବିଧାୟକ ଶ୍ରୀ ନାୟକ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ଅବଗତ କରାଇଥିଲେ । ଏହାକୁ ନେଇ ଆଜି ରାଜ୍ୟ ସମବାୟ ଅଧିକାରୀ ଓ ଜିଲ୍ଲା ସମବାୟ ଅଧିକାରୀ ସମବାୟ ସମିତିରେ ପହଞ୍ଚି ମିଳିତ ତଦନ୍ତ ଜାରି ରଖିଛନ୍ତି। ଅଭିଯୋଗ କରିଥିବା ଚାଷୀ ମାନେ ମଧ୍ୟ ବାଲିଚନ୍ଦ୍ରପୁର ସମବାୟ ବ୍ୟାଙ୍କରେ ଉପସ୍ଥିତ ରହିଛନ୍ତି। ଅଧିକାରୀ ମାନେ ତନ ତନ କରି ଯାଞ୍ଚ ପ୍ରକ୍ରିୟା ଜାରି ରଖିଛନ୍ତି।

ଆମେରିକା ଓ ପାକିସ୍ତାନରୁ ଅର୍ଥ ଆସୁଛି ! ସିଜେପି ଉପରେ କେନ୍ଦ୍ରର ସଙ୍ଗୀନ ଅଭିଯୋଗ

ନୂଆଦିଲ୍ଲୀ : ଦେଶରେ ଅଶାନ୍ତି ସୃଷ୍ଟି କରିବା ପାଇଁ କକ୍ରୋଚ୍ ଜନତା ପାର୍ଟି (ସିଜେପି)କୁ ବିଦେଶୀ ସଂଗଠନ ଓ ପାକିସ୍ତାନରୁ ଅର୍ଥ ଯୋଗାଇ ଦିଆଯାଉଥିବା କେନ୍ଦ୍ର ସରକାର ଅଭିଯୋଗ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ଅଭିଯୋଗ ଆଣିବା ସହ ସଂଗଠନର ପ୍ରତିଷ୍ଠାତା ଅଭିଜିତ ଦୀପକେ ଓ ସହପ୍ରତିଷ୍ଠାତା ଆଶୁତୋଷ ରାଙ୍କାଙ୍କ ନାମ ନେଇଛନ୍ତି । ତେବେ ସିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛି। ଅନ୍ୟପକ୍ଷରେ ଅଭିଯୋଗର ପ୍ରମାଣ ଦେବାକୁ କଂଗ୍ରେସ ନେତା ଦାବି କରିଛନ୍ତି । ବେଙ୍ଗାଲୁରୁରେ ସାମ୍ବାଦିକମାନଙ୍କୁ ଜିତେନ୍ଦ୍ର ସିଂହ କହିଛନ୍ତି ଯେ ସିଜେପିକୁ ଦେଶ ଭିତରେ ଓ ବାହାରେ ଥିବା ଅନଧିକୃତ ଉତ୍ସ, ଭାରତ ବିରୋଧୀ ଅନୁଷ୍ଠାନ ଏବଂ ବିଦେଶୀ ଅର୍ଥରେ ପରିଚାଳିତ ବେସରକାରୀ ସଂଗଠନଗୁଡ଼ିକରୁ ପାଣ୍ଠି ମିଳୁଛି । ଏହାର ଯଥେଷ୍ଟ ପ୍ରମାଣ ଥିବା ସେ ଦାବି କରିଛନ୍ତି । ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆମେରିକାର କିଛି ଦାତାଙ୍କଠାରୁ ଅର୍ଥ ପାଉଥିବା ବେଳେ ଆଶୁତୋଷ ରାଙ୍କାଙ୍କୁ ପାକିସ୍ତାନୀ ରାଜନେତାମାନେ ଅର୍ଥ ଦେଉଥିବା ସେ ଅଭିଯୋଗ କରିଛନ୍ତି । ବିଦେଶୀ ଅର୍ଥରେ ପରିଚାଳିତ ଏନ୍‌ଜିଓ, ଗୁପ୍ତ ବାହ୍ୟ ଶକ୍ତି ଓ ଭାରତ ବିରୋଧୀ ସଂଗଠନଗୁଡ଼ିକ ମିଳିତ ଭାବେ ଦେଶରେ ଏକ ଭୁଲ୍ ଧାରଣା ସୃଷ୍ଟି କରୁଛନ୍ତି ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି । ଗତ ଏକ ମାସ ଧରି ସିଜେପିର କାର୍ଯ୍ୟକଳାପ ଦେଶରେ ବିଦ୍ରୋହ ଓ ଅରାଜକତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚାଲିଥିବା ସେ ଅଭିଯୋଗ କରିଛନ୍ତି । ତେବେ କେନ୍ଦ୍ରମନ୍ତ୍ରୀଙ୍କ ଅଭିଯୋଗକୁ ସିଜେପି ଖଣ୍ଡନ କରିଛି । ଗୁରୁବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ବିବୃତି ଜାରି କରି ସଂଗଠନ କହିଛି ଯେ ଜଣେ କେନ୍ଦ୍ରମନ୍ତ୍ରୀ ଯେକୌଣସି କଥା କହିଦେଇ ଦାୟିତ୍ୱରୁ ଖସିଯାଇପାରୁଛନ୍ତି । ଉଚ୍ଚ ପଦପଦବିରେ ଥିବା ବ୍ୟକ୍ତିଙ୍କ କଥାର ମୂଲ୍ୟ କ୍ରମଶଃ ହ୍ରାସ ପାଉଥିବା ଏହାର ପ୍ରମାଣ ବୋଲି ସଂଗଠନ କହିଛି । ବିଜେପି ମୁଖପାତ୍ର ତୁହିନ ଏ ସିହ୍ନା ଆଜି ଗଣମାଧ୍ୟମକୁ କହିଛନ୍ତି ଯେ ପାର୍ବଣ ଋତୁରେ ଜାତୀୟ ରାଜଧାନୀରେ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ବିକ୍ଷୋଭ କରାଯାଇଛି । ଗତ ଏକ ମାସ ମଧ୍ୟରେ ସିଜେପିର କୌଶଳ ଅରାଜକତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ଥିଲା । ଏଥିରେ ମନ୍ଦ ଉଦ୍ଦେଶ୍ୟ ଥିଲା ବୋଲି ସିହ୍ନା କହିଛନ୍ତି । ସିଜେପିକୁ କଂଗ୍ରେସ ଦଳ ସହ ତୁଳନା କରି ବିଜେପି ମୁଖପାତ୍ର ଉଭୟ ସଂଗଠନ ଏକ ସମୟରେ ନ୍ୟାୟପାଳିକାକୁ ଟାର୍ଗେଟ୍ କରୁଥିବା ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ କର୍ଣ୍ଣାଟକର ଗୃହମନ୍ତ୍ରୀ ପ୍ରିୟଙ୍କ ଖଡ଼ଗେ ବିଜେପିକୁ ଘେରିଛନ୍ତି । କଂଗ୍ରେସକୁ ବିଦେଶୀ ସଂସ୍ଥାରୁ ଅର୍ଥ ମିଳୁଥିବା ଅଭିଯୋଗର ପ୍ରମାଣ ଦେବାକୁ ସେ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । ଏଥିସହ ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏଭଳି ଅଭିଯୋଗ କେଉଁ ଆଧାରରେ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ସିଜେପିର ବିଦେଶୀ ପାଣ୍ଠି ସମ୍ପର୍କିତ ଅଭିଯୋଗ ଏବେ ରାଜନୈତିକ ବିବାଦକୁ ଆହୁରି ତୀବ୍ର କରିଛି । ତେବେ ମନ୍ତ୍ରୀ ଏହି ଅଭିଯୋଗର ପ୍ରମାଣ ସାର୍ବଜନୀନ କରିନାହାନ୍ତି ଏବଂ ଏହାର ସ୍ୱତନ୍ତ୍ର ତଦନ୍ତର ଫଳାଫଳ ମଧ୍ୟ ସାମ୍ନାକୁ ଆସିନାହିଁ ।



ମୋଦୀଙ୍କୁ ଖୋଲା ବିତର୍କ ପାଇଁ ରାହୁଲ ଗାନ୍ଧୀଙ୍କ ଆହ୍ୱାନ: ବିଜେପିର ପାଲଟା ଜବାବ



ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳର ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଖୋଲା ମଞ୍ଚରେ ବିତର୍କ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶଦ୍ରୋହୀ ବୋଲି ସେ ମାତ୍ର କିଛି ମିନିଟ୍ ମଧ୍ୟରେ ପ୍ରମାଣ କରିଦେବେ ବୋଲି ରାହୁଲ ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଦାନୀଙ୍କ ଏନଡିଟିଭିରେ ବିତର୍କ ହେଉ ଏବଂ ମଞ୍ଚ ଓ ବିଚାରପତି ମଧ୍ୟ ସେମାନଙ୍କର ରହୁ ବୋଲି ରାହୁଲ ଚ୍ୟାଲେଞ୍ଜ କରିଥିଲେ। ରାହୁଲ ଗାନ୍ଧୀଙ୍କ ଏହି ଚ୍ୟାଲେଞ୍ଜକୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ପକ୍ଷରୁ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ସାଂସଦ ନିଶାକାନ୍ତ ଦୁବେ ସୋସିଆଲ ମିଡିଆ ଏକ୍ସରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସେ ନ୍ୟାସନାଲ ହେରାଲ୍ଡ ଅଫିସକୁ ଆସିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ମାତ୍ର ୪୫ ସେକେଣ୍ଡ ମଧ୍ୟରେ ରାହୁଲ ଗାନ୍ଧୀଙ୍କ ଚୀନ୍, ଜର୍ଜ ସୋରୋସ୍ ଏବଂ ତାଙ୍କ ପରିବାରର ୧୯୪୬ରୁ ୨୦୨୬ ମସିହା ପର୍ଯ୍ୟନ୍ତର ହିସାବ କିତାବ ଦେଖାଇ ସେମାନେ କିପରି ଦେଶଦ୍ରୋହୀ ଓ ଭ୍ରଷ୍ଟାଚାରୀ, ତାହା ପ୍ରମାଣ କରିଦେବେ। ମଞ୍ଚ ଏବଂ ବିଚାରପତି ରାହୁଲଙ୍କ ପସନ୍ଦର ହେଲେ ମଧ୍ୟ ତାଙ୍କର କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେପିର ବରିଷ୍ଠ ନେତା ତଥା ସାଂସଦ ସୁଧାଂଶୁ ତ୍ରିବେଦୀ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସମ୍ବିଧାନ ନିର୍ମାତାମାନେ ଆଲୋଚନା ଏବଂ ବିତର୍କ ପାଇଁ ସଂସଦକୁ ସର୍ବୋଚ୍ଚ ମଞ୍ଚ ଭାବେ ଗଢ଼ିଥିବା ବେଳେ ଯେଉଁ ବ୍ୟକ୍ତି ସଂସଦରେ ଆଲୋଚନାରୁ ଦୂରେଇ ରୁହନ୍ତି, ସେମାନେ ସମ୍ବିଧାନ ଓ ସମ୍ବିଧାନ ନିର୍ମାତାଙ୍କ ମୂଳ ଭାବନାର ଅପମାନ କରନ୍ତି ବୋଲି ସେ କହିଛନ୍ତି। ଜନତା ସଂସଦରେ ଜନହିତ ମାମଲାରେ ଆଲୋଚନା କରିବାକୁ ପ୍ରତିନିଧି ପଠାଉଥିଲେ ମଧ୍ୟ ରାହୁଲ ଗାନ୍ଧୀ ସେଠାରୁ ସବୁବେଳେ ପଳାୟନ କରନ୍ତି ବୋଲି ସୁଧାଂଶୁ ଅଭିଯୋଗ କରିଛନ୍ତି। ନରେନ୍ଦ୍ର ମୋଦୀ ଗତ ୧୨ ବର୍ଷ ଧରି ଏନଡିଏର ସର୍ବସମ୍ମତ ନେତା ଥିବା ବେଳେ ରାହୁଲ ଗାନ୍ଧୀ ନା ଇଣ୍ଡିଆ ମେଣ୍ଟର ଆନୁଷ୍ଠାନିକ ନେତା ନା କେବେ ୟୁପିଏର ଅଧ୍ୟକ୍ଷ ଥିଲେ ବୋଲି ସେ ବ୍ୟଙ୍ଗ କରିଛନ୍ତି। ରାହୁଲ ନିକଟରେ ଯେଉଁ "ମକ୍ ପାର୍ଲିଆମେଣ୍ଟ" ବା ନକଲି ସଂସଦ ଆୟୋଜନ କରିଥିଲେ, ସେଥିରେ ବିରୋଧୀ ପକ୍ଷ ନଥିବାରୁ ତାହା ଏକତରଫା ଭାଷଣରେ ସୀମିତ ଥିଲା ବୋଲି ସେ କହିଛନ୍ତି। ରାହୁଲ ଦେଶର ଗଣତନ୍ତ୍ର, ଆଇନ ଏବଂ ସଂସଦର ମଜାକ ଉଡ଼ାଉଛନ୍ତି ଏବଂ ପଞ୍ଜାବରେ ସେ ବ୍ୟବହାର କରିଥିବା ଭାଷା ଦେଶବାସୀଙ୍କ ଅପମାନ ବୋଲି ବିଜେପି ମତ ପ୍ରକାଶ କରିଛି। ମୋଦୀଙ୍କୁ ଖୋଲା ବିତର୍କ ପାଇଁ ରାହୁଲ ଗାନ୍ଧୀଙ୍କ ଆହ୍ୱାନ: ବିଜେପିର ପାଲଟା ଜବାବ

ଚେନ୍ନାଇରେ ସୁପ୍ରିମ୍‌କୋର୍ଟର ସ୍ଥାୟୀ ଖଣ୍ଡପୀଠ

ଚେନ୍ନାଇ: ଚେନ୍ନାଇରେ ସୁପ୍ରିମ୍‌କୋର୍ଟର ଏକ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗକୁ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ପୁଣିଥରେ ଉଠାଇବାକୁ ଅନୁରୋଧ କରିଛନ୍ତି। ଏହା କେବଳ ତାମିଲନାଡୁ ନୁହେଁ, ଦକ୍ଷିଣ ଭାରତର ସମସ୍ତ ରାଜ୍ୟର ମକଦ୍ଦମାକାରୀଙ୍କ ପାଇଁ ସୁବିଧାଜନକ ହେବ ବୋଲି ସେ ଦର୍ଶାଇଛନ୍ତି। ବିଜୟ ନିଜ ଚିଠିରେ କହିଛନ୍ତି ଯେ ଚେନ୍ନାଇରେ ସୁପ୍ରିମ୍‌କୋର୍ଟର ଖଣ୍ଡପୀଠ ପ୍ରତିଷ୍ଠା କରିବା ଦାବି ଦୀର୍ଘଦିନର। ୧୯୮୦ ମସିହାରୁ ତାମିଲନାଡୁ ଏହି ଦାବି ଉଠାଇ ଆସୁଛି। ୧୯୭୯ରେ ଅନୁଷ୍ଠିତ ମୁଖ୍ୟ ବିଚାରପତିମାନଙ୍କ ସମ୍ମିଳନୀରେ ମଧ୍ୟ ଦକ୍ଷିଣ ଭାରତର ମକଦ୍ଦମାକାରୀଙ୍କୁ ନ୍ୟାୟ ପାଇଁ ନୂଆଦିଲ୍ଲୀ ଯିବାକୁ ପଡୁଥିବା ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମ୍ବିଧାନର ଧାରା ୧୩୦କୁ ଉଲ୍ଲେଖ କରି ବିଜୟ କହିଛନ୍ତି ଯେ ଭାରତର ପ୍ରଧାନ ବିଚାରପତି ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଦିଲ୍ଲୀ ବାହାରେ ଅନ୍ୟ ସ୍ଥାନରେ ମଧ୍ୟ ସୁପ୍ରିମ୍‌କୋର୍ଟର ଅଧିବେଶନ କରିପାରିବେ। ସମ୍ବିଧାନ ପ୍ରଣେତାମାନେ ଧନୀ ହୁଅନ୍ତୁ ବା ଗରିବ, ସମସ୍ତ ନାଗରିକଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିବାର ସମାନ ସୁଯୋଗ ଦେବାକୁ ଚାହିଥିଲେ। କିନ୍ତୁ ଦିଲ୍ଲୀଠାରୁ ଦୂରତା ଏବଂ ଯାତାୟାତ ଓ ମାମଲା ପରିଚାଳନାର ଅଧିକ ଖର୍ଚ୍ଚ ଯୋଗୁଁ ଦକ୍ଷିଣ ଭାରତର ଅନେକ ଲୋକ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଚେନ୍ନାଇରେ ଖଣ୍ଡପୀଠ ହେଲେ ନ୍ୟାୟପାଳିକାର ସ୍ୱାଧୀନତା ପ୍ରଭାବିତ ହେବନାହିଁ, କାରଣ ଏହାର ପ୍ରଶାସନିକ ନିୟନ୍ତ୍ରଣ ପ୍ରଧାନ ବିଚାରପତିଙ୍କ ହାତରେ ରହିବ ବୋଲି ସେ ଚିଠିରେ ସ୍ପଷ୍ଟ କରିଛନ୍ତି।

ଟ୍ରମ୍ପଙ୍କ ଗଡ଼ରେ ଭାରତୀୟ ଝିଅଙ୍କ ବାଜିମାତ୍! ଜୟପୁରରୁ ଆମେରିକା, ପିଆ ଡାଣ୍ଡିଆଙ୍କ ଐତିହାସିକ ବିଜୟ



ନୂଆଦିଲ୍ଲୀ: ଆମେରିକା ମାଟିରେ ଭାରତୀୟ ଝିଅଙ୍କ ଦମଦାର ଦବଦବା ! ଟ୍ରମ୍ପଙ୍କ ରାଜନୈତିକ ଗଡ଼ରେ ରଚିଲେ ଇତିହାସ । ଜୟପୁରରୁ ଆମେରିକା... ଆଉ ଏବେ ସିଧା ସଂସଦରେ । ଟ୍ରମ୍ପଙ୍କ ଘନିଷ୍ଠ ରିପବ୍ଲିକାନ୍ ପ୍ରାର୍ଥୀଙ୍କୁ ମାତ୍ ଦେଇ ବିଜୟର ମୁକୁଟ ପିନ୍ଧିଛନ୍ତି ଭାରତୀୟ ବଂଶୋଦ୍ଭବ ପିଆ ଡାଣ୍ଡିଆ । ହାର୍ଭାର୍ଡରୁ ହ୍ୱାଇଟ୍ ହାଉସ୍... ଆଉ ଏବେ ଆମେରିକାର ପ୍ରତିନିଧି ସଭା । କିଏ ଏହି ପିଆ ? କେମିତି ଜୟପୁରର ମାଟି ସହ ତାଙ୍କର ରହିଛି ନିବିଡ଼ ସମ୍ପର୍କ ? ଜୟପୁରରୁ ଆମେରିକା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଏବେ ସାଜିଛି ଅନେକଙ୍କ ପାଇଁ ପ୍ରେରଣା। ଆମେରିକାର ମିଡଟର୍ମ ନିର୍ବାଚନରେ ଫ୍ଲୋରିଡାର ୨୨ତମ କଂଗ୍ରେସନାଲ୍ ଡିଷ୍ଟ୍ରିକ୍ଟରୁ ବିଜୟୀ ହୋଇଛନ୍ତି ପିଆ। ରିପବ୍ଲିକାନ୍ ପାର୍ଟିର ବ୍ୟବସାୟୀ ପ୍ରାର୍ଥୀ କେସି ଆସ୍କରଙ୍କୁ ପରାସ୍ତ କରି ସେ ଆମେରିକାର ପ୍ରତିନିଧି ସଭାକୁ ନିର୍ବାଚିତ ଦ୍ୱିତୀୟ ଭାରତୀୟ-ଆମେରିକୀୟ ମହିଳା ହୋଇଛନ୍ତି। ଏହା ପୂର୍ବରୁ ପ୍ରମିଳା ଜୟପାଲ ଏହି ସଫଳତା ହାସଲ କରିଥିଲେ। ପିଆଙ୍କ ମୂଳ ରାଜସ୍ଥାନର ଜୟପୁର। ୧୯୮୦ ଦଶକରେ ତାଙ୍କ ମାତାପିତା ଆମେରିକା ଚାଲିଯାଇ ସେଠାରେ ବସବାସ କରିଥିଲେ। ପିତା ଡାକ୍ତର ରୋହିତ ଡାଣ୍ଡିଆ ଚିକିତ୍ସା ସେବାରେ ନିୟୋଜିତ ଥିବାବେଳେ ମାଆ ଏକ ମଣ୍ଟେସୋରି ସ୍କୁଲ୍ ପ୍ରତିଷ୍ଠା କରିଥିଲେ। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ପାଠପଢ଼ା ଶେଷ କରିଥିବା ପିଆ ଛୁଟି ସମୟରେ ଦିଲ୍ଲୀର ବସ୍ତି ଅଞ୍ଚଳରେ ପିଲାଙ୍କୁ ଇଂରାଜୀ ପଢ଼ାଉଥିଲେ। ୨୦୨୦ରେ ହ୍ୱାଇଟ୍ ହାଉସ୍ ଫେଲୋ ଭାବେ ମନୋନୀତ ହୋଇ ସେ ଶିକ୍ଷା ଓ ଘରୋଇ ନୀତି କ୍ଷେତ୍ରରେ କାମ କରିଥିଲେ। ମହଙ୍ଗା ଜୀବନଯାପନ, ଦୁର୍ନୀତି, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବନ୍ଧୁକ ସୁରକ୍ଷା ଥିଲା ତାଙ୍କ ପ୍ରଚାରର ମୁଖ୍ୟ ପ୍ରସଙ୍ଗ। ପିଆଙ୍କ ବିଜୟ ଆମେରିକାରେ ଭାରତୀୟ ବଂଶୋଦ୍ଭବଙ୍କ ବଢୁଥିବା ରାଜନୈତିକ ପ୍ରଭାବକୁ ପୁଣିଥରେ ଉଜାଗର କରିଛି।

ଆମେରିକାରୁ ଅଭିଜିତ ଦୀପକେ, ପାକିସ୍ତାନରୁ ଆଶୁତୋଷ ରାଙ୍କାଙ୍କୁ ମିଳୁଛି ପାଣ୍ଠି



ନୂଆଦିଲ୍ଲୀ: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଓ ସହ-ପ୍ରତିଷ୍ଠାତା ଆଶୁତୋଷ ରାଙ୍କାଙ୍କ ବିରୋଧରେ ବିଦେଶୀ ପାଣ୍ଠି ଗ୍ରହଣ କରିବା ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ। ଅଭିଜିତଙ୍କୁ ଆମେରିକାରେ ଥିବା ଦାତାଙ୍କଠାରୁ ଅର୍ଥ ମିଳୁଥିବା ବେଳେ ଆଶୁତୋଷଙ୍କୁ ପାକିସ୍ତାନୀ ରାଜନେତା ଓ ସେମାନଙ୍କ ମଧ୍ୟସ୍ଥିଙ୍କ ଜରିଆରେ ପାଣ୍ଠି ମିଳୁଥିବା ସେ ଦାବି କରିଛନ୍ତି। ମଙ୍ଗଳବାର ବେଙ୍ଗାଲୁରୁରେ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଏହି ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିରୋଧରେ ଚାଲିଥିବା ଅଭିଯାନକୁ ପାକିସ୍ତାନୀ ରାଜନେତାଙ୍କ ସମେତ ବିଦେଶୀ ସଂଗଠନ ଏବଂ ଭାରତ ବିରୋଧୀ ଶକ୍ତି ପାଣ୍ଠି ଯୋଗାଉଛନ୍ତି। ଏହି ଅଭିଯାନ ମାଧ୍ୟମରେ ଦେଶରେ ଏକ ମିଥ୍ୟା ଧାରଣା ସୃଷ୍ଟି କରିବାକୁ ଉଦ୍ୟମ ହେଉଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଦାୟିତ୍ୱରେ ଥିବା ମନ୍ତ୍ରୀ କହିଛନ୍ତି, ବିଦେଶୀ ପାଣ୍ଠିରେ ପରିଚାଳିତ ଏନ୍‌ଜିଓ, ଡିପ୍ ଷ୍ଟେଟ୍ ସହ ଜଡ଼ିତ ବ୍ୟକ୍ତି ଏବଂ ଭାରତ ବିରୋଧୀ ଶକ୍ତି ଏହି ଅଭିଯାନ ପଛରେ ରହିଛନ୍ତି। ଅନଧିକୃତ ଉତ୍ସରୁ ଏହି ଗୋଷ୍ଠୀଗୁଡ଼ିକୁ ଅର୍ଥ ମିଳୁଥିବା ନେଇ ଯଥେଷ୍ଟ ପ୍ରମାଣ ଥିବା ସେ ଦାବି କରିଛନ୍ତି।

ପଞ୍ଜାବ ମୁଖ୍ୟମନ୍ତ୍ରୀ ମାନଙ୍କୁ ରାହୁଲଙ୍କ କଟାକ୍ଷ: ଆପର ପଲଟା ଆକ୍ରମଣ, "ନୀଚ ରାଜନୀତି" ବୋଲି କହିଲେ ସୌରଭ ଭାରଦ୍ୱାଜ



ନୂଆଦିଲ୍ଲୀ: ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନଙ୍କ ସମ୍ପର୍କରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଇଥିବା ବିବାଦୀୟ ବୟାନକୁ ନେଇ ଆମ୍ ଆଦମୀ ପାର୍ଟି (ଆପ୍) ଶାଣିତ ପଲଟା ଆକ୍ରମଣ କରିଛି। ବୁଧବାର ଆପର ଦିଲ୍ଲୀ ପ୍ରଦେଶ ସଭାପତି ସୌରଭ ଭାରଦ୍ୱାଜ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ଭଳି ଉଚ୍ଚ ପଦବୀରେ ଥିବା ନେତାଙ୍କ ପାଇଁ ଏଭଳି ନୀଚ ଓ ନିମ୍ନମାନର ଟିପ୍ପଣୀ ଶୋଭାପାଏ ନାହିଁ। କଂଗ୍ରେସ ଓ ବିଜେପି ମିଶି ପଞ୍ଜାବକୁ ନିଜର ମିଳିତ ଲକ୍ଷ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସଂଗରୁର ଜିଲ୍ଲାର ଫାଗୁୱାଲା ଗ୍ରାମରେ ଅନୁଷ୍ଠିତ "ଇନ୍ସାଫ୍ ରାଲି"ରେ ଉଦବୋଧନ ଦେଇ ରାହୁଲ ଗାନ୍ଧୀ ଆପ୍ ସରକାରଙ୍କ ଉପରେ ନିଶାଦ୍ରବ୍ୟ କାରବାର, ଗ୍ୟାଙ୍ଗଷ୍ଟର ହିଂସା ଏବଂ ଚାଷୀ ସମସ୍ୟାକୁ ନେଇ ବର୍ଷିଥିଲେ। ଏଥିସହିତ ସେ ଅଭିଯୋଗ କରିଥିଲେ ଯେ, ଲୋକସଭାରେ ମାନ୍ ତାଙ୍କ ସହ ବସୁଥିବା ବେଳେ ସକାଳ ୧୧ଟାରୁ ମଦ ମହକୁଥିଲେ। ନିଶାଦ୍ରବ୍ୟ ବିରୋଧରେ ଲଢ଼େଇ କରିବାକୁ ହେଲେ ମୁଖ୍ୟମନ୍ତ୍ରୀ ନିଜେ ସନ୍ଧ୍ୟାରେ ନିଶାସକ୍ତ ହେବା ଉଚିତ୍ ନୁହେଁ ବୋଲି ରାହୁଲ କହିଥିଲେ। ଏହାସହ ଆପ୍ ସରକାର ଦିଲ୍ଲୀରୁ ପରିଚାଳିତ ହେଉଛି ବୋଲି ସେ ଆକ୍ଷେପ କରିଥିଲେ। ଏହାର ଜବାବରେ ସୌରଭ ଭାରଦ୍ୱାଜ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ବିରୋଧରେ ମଧ୍ୟ ନିଶାସେବନର ଅଭିଯୋଗ ଆସିଛି, ମାତ୍ର ଏଭଳି ବ୍ୟକ୍ତିଗତ ଅଭିଯୋଗ ଆଣିବା ଦ୍ୱାରା କିଛି ହାସଲ ହୁଏନାହିଁ। ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବିରୋଧରେ ରାହୁଲ କାହିଁକି କିଛି କହୁନାହାନ୍ତି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଆପ୍ ସରକାରକୁ ଅସ୍ଥିର କରିବା ପାଇଁ ବିଜେପି ଓ କଂଗ୍ରେସ ଗୋଟିଏ ସୁରରେ କଥା ହେଉଥିବା ସେ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୫ ଜୁଲାଇ ମାସରୁ ଆପ୍ ଆନୁଷ୍ଠାନିକ ଭାବେ "ଇଣ୍ଡିଆ" ମେଣ୍ଟରୁ ଓହରି ଯାଇଛି। ଆଗାମୀ ପଞ୍ଜାବ ନିର୍ବାଚନକୁ ନେଇ କଂଗ୍ରେସ ଏବଂ ଆମ୍ ଆଦମୀ ପାର୍ଟି ମଧ୍ୟରେ ରାଜନୈତିକ ବାକଯୁଦ୍ଧ ଆହୁରି ତୀବ୍ର ହେବାରେ ଲାଗିଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ମାନଙ୍କୁ ରାହୁଲଙ୍କ କଟାକ୍ଷ: ଆପର ପଲଟା ଆକ୍ରମଣ, "ନୀଚ ରାଜନୀତି" ବୋଲି କହିଲେ ସୌରଭ ଭାରଦ୍ୱାଜ

ନିର୍ବାଚନୀ ଝଟକା ପରେ ଟ୍ରମ୍ପଙ୍କ ଟାର୍ଗେଟ୍‌ରେ ରକ୍ଷାମନ୍ତ୍ରୀ !



ନୂଆଦିଲ୍ଲୀ: ଆମେରିକାରେ ନିର୍ବାଚନୀ ଝଟକା... ଏବେ ଟ୍ରମ୍ପଙ୍କ କ୍ୟାବିନେଟ୍‌ରେ ହଲଚଲ ! ଇରାନ୍ ସହ ଯୁଦ୍ଧ ଯୋଗୁଁ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ଶୋଚନୀୟ ପରାଜୟ । ଆଉ ଏହି ପରାଜୟର ଦୋଷ କାହା ମୁଣ୍ଡରେ ଲଦାଯିବ ? ଚର୍ଚ୍ଚାରେ ଏବେ ଆମେରିକାର ରକ୍ଷାମନ୍ତ୍ରୀ ପିଟ୍ ହେଗସେଥ୍ । ଟ୍ରମ୍ପଙ୍କ ଘନିଷ୍ଠ ଏହି ମନ୍ତ୍ରୀଙ୍କ ପାଇଁ ବଢ଼ିବାରେ ଲାଗିଛି ଅଡୁଆ । ଯୁଦ୍ଧର ନିଷ୍ପତ୍ତି ଏବେ ଟ୍ରମ୍ପ ସରକାରଙ୍କ ପାଇଁ ରାଜନୈତିକ ବୁମେରାଙ୍ଗ୍ ହେବାକୁ ଯାଉଛି । ଆମେରିକାର ମିଡଟର୍ମ ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ପରାଜୟ ପରେ ଇରାନ୍ ଯୁଦ୍ଧକୁ ଦାୟୀ କରୁଛନ୍ତି ଦଳର ନେତା । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଯୁଦ୍ଧର ପ୍ରଭାବକୁ ସ୍ୱୀକାର କରିଛନ୍ତି । ଏବେ ଏହି ପରାଜୟର ଦୋଷ ରକ୍ଷାମନ୍ତ୍ରୀ ପିଟ୍ ହେଗସେଥ୍‌ଙ୍କ ଉପରେ ଲଦିବାକୁ ଯୋଜନା ଚାଲିଥିବା ଚର୍ଚ୍ଚା ହେଉଛି । ପେଣ୍ଟାଗନ୍‌ର ଜଣେ ପୂର୍ବତନ ଅଧିକାରୀଙ୍କ ମତରେ, ଇରାନ୍ ଯୁଦ୍ଧ ମୁଖ୍ୟତଃ ରକ୍ଷା ବିଭାଗର ନେତୃତ୍ୱରେ ହୋଇଥିଲା । ଯୁଦ୍ଧର ଲକ୍ଷ୍ୟ, ସମୟସୀମା ଓ ଉଦ୍ଦେଶ୍ୟକୁ ନେଇ ହେଗସେଥ୍‌ଙ୍କ ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ଏପଟେ ରିପବ୍ଲିକାନ୍ ସାଂସଦ ଥମ୍ ଟିଲିସ୍ ମଧ୍ୟ ହେଗସେଥ୍‌ଙ୍କ ଭବିଷ୍ୟତକୁ ନେଇ ସଙ୍କେତ ଦେଇଛନ୍ତି । ଡେମୋକ୍ରାଟ୍‌ମାନେ ମଧ୍ୟ ପେଣ୍ଟାଗନ୍‌ର କାର୍ଯ୍ୟଶୈଳୀ ଓ ଯୁଦ୍ଧ ପରିଚାଳନାର ତଦନ୍ତ ଦାବି କରିଛନ୍ତି । ଟ୍ରମ୍ପ ହେଗସେଥ୍‌ଙ୍କୁ ଖୋଲାଖୋଲି ସମର୍ଥନ କରୁଥିଲେ ବି, ନିର୍ବାଚନୀ ପରାଜୟ ତାଙ୍କ ରାଜନୈତିକ ଭବିଷ୍ୟତକୁ ଅନିଶ୍ଚିତ କରିଦେଇଛି । ଏବେ ପ୍ରଶ୍ନ, ଯୁଦ୍ଧର ମୂଲ୍ୟ ଦେବେ କି ହେଗସେଥ୍ ? ନା ଟ୍ରମ୍ପ ନିଜ ମନ୍ତ୍ରୀଙ୍କୁ ଢାଲ୍ କରି ରଖିବେ ?

ନବୀନ କୋଟିଆ ପ୍ରସଙ୍ଗରେ ୨୪ ବର୍ଷ ଧରି କାହିଁକି ନୀରବ ରହିଥିଲେ: ପ୍ରଭାତୀ ପରିଡ଼ା

କୋଟିଆ ସୀମା ବିବାଦକୁ ନେଇ ରାଜ୍ୟ ରାଜନୀତିରେ ତେଜିଲା ବାକ୍‌ଯୁଦ୍ଧ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବଢୁଥିବା ବିବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା ସହ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କେନ୍ଦ୍ର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ସର୍ବୋଚ୍ଚ ସ୍ତରରେ ଆଲୋଚନା କରିବାକୁ ନବୀନ ଆହ୍ୱାନ ଦେଇଥିଲେ । ଏବେ ନବୀନଙ୍କୁ କଡ଼ା କାଉଣ୍ଟର କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ୨୪ ବର୍ଷ ଧରି ଓଡ଼ିଶାର ଶାସନ ଦାୟିତ୍ୱରେ ରହିଥିବା ନବୀନ କୋଟିଆ ପ୍ରସଙ୍ଗରେ କାହିଁକି ନୀରବ ରହିଥିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି ସେ ।ପ୍ରଭାତୀ କହିଛନ୍ତି, ନବୀନ ପଟ୍ଟନାୟକ ଦୀର୍ଘ ୨୪ ବର୍ଷ ଧରି ରାଜ୍ୟର ଶାସନ ଭାର ସମ୍ଭାଳିଥିଲେ । ଏହି ସମୟ ମଧ୍ୟରୁ ୯ ବର୍ଷ ସେ ଏନ୍‌ଡିଏର ସହଯୋଗୀ ଭାବେ ମଧ୍ୟ ରହିଥିଲେ । ତେବେ ଏତେ ଦୀର୍ଘ ସମୟ ଶାସନରେ ରହିବା ସତ୍ତ୍ୱେ କୋଟିଆରେ ଓଡ଼ିଶାର ସ୍ୱାର୍ଥ ଏବଂ ଭୌଗୋଳିକ ସୀମାର ସୁରକ୍ଷା ପ୍ରସଙ୍ଗରେ ସେ କାହିଁକି ନିରବ ରହିଥିଲେ, ତାହାର ଜବାବ ଦେବାକୁ ପ୍ରଭାତୀ ଆହ୍ୱାନ ଦେଇଛନ୍ତି ।ଏହା ସହ ଦୀର୍ଘ ବର୍ଷର ନିଷ୍କ୍ରିୟତା ପରେ ଏବେ ହଠାତ୍ ଚିଠି ଲେଖିବାକୁ ନବୀନଙ୍କୁ ସାହସ କେଉଁଠୁ ଆସିଲା ବୋଲି କଟାକ୍ଷ କରିଛନ୍ତି ସେ । ନା ଏବେ କେହି ତାଙ୍କୁ କୋଟିଆ ପ୍ରସଙ୍ଗର ଗମ୍ଭୀରତା ବୁଝାଇଛନ୍ତି ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସୀମା ସୁରକ୍ଷା ପାଇଁ ଦୃଢ଼ତାର ସହ ଲଢ଼େଇ କରୁଥିବା ପ୍ରଭାତୀ କହିଛନ୍ତି ।

ନାରଦ ବାର୍ତ୍ତା
ସତ୍ୟ | ନିରପେକ୍ଷ | ନିର୍ଭୀକ

ସମ୍ପାଦକୀୟ .....

ନରାଜ ପ୍ରହେଳିକା

ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ଓ ଜୀବିକା ମହାନଦୀର ଜଳ ଉପରେ ନିର୍ଭର କରିଥାଏ। ଦ୍ରୁତ ବିସ୍ତାର ଲାଭ କରୁଥିବା କଟକ ଓ ଭୁବନେଶ୍ବରର ଘନ ଜନବସତିମାନ ଏଇ ଜଳ ଉପରେ ନିର୍ଭର କରିଥାନ୍ତି। ଅନୁମାନ କରାଯାଉଥିବା ଭଳି ଡେଟା ସେଣ୍ଟର ଯଦି ଦୈନିକ ୩୦ ନିୟୁତ ଲିଟର ଜଳ ଶୋଷି ନିଏ, ତେବେ ତାହା ଓଡ଼ିଶାକୁ ଏକ ତୃଷାର୍ତ୍ତ ରାଜ୍ୟରେ ପରିଣତ କରିଦେବ। ସରକାର ଓ ସଂପୃକ୍ତ କଂପାନି ତୁରନ୍ତ ଏ ସଂପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରିବା ଜରୁରି। ଏଇ ସମ୍ବାଦପତ୍ରର ଭଗିନୀ ପ୍ରକାଶନ 'ଆମ ଓଡ଼ିଶା' ସାପ୍ତାହିକ ପତ୍ରିକାର ସଦ୍ୟତମ ସଂଖ୍ୟାରେ ତାଙ୍କର 'ରାଜଧାନୀ ରାଜନୀତି' ସ୍ତମ୍ଭରେ ଶ୍ରୀ ନାରଦ ଓଡ଼ିଶାର ଅର୍ଥନୈତିକ ସ୍ୱାର୍ଥ ସହିତ ଜଡ଼ିତ ଏକ ଅତ୍ୟନ୍ତ ଗୁରୁତ୍ବପୂର୍ଣ୍ଣ ପ୍ରସଙ୍ଗ ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି। ବାସ୍ତବରେ ସେ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କର ଏ ସଂପର୍କିତ ମନ୍ତବ୍ୟକୁ ଉଦ୍ଧାର କରି ଯେଉଁ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି, ତାହା ହେଉଛି ନରାଜଠାରେ ଆଦାନୀ କଂପାନିର ସହଯୋଗରେ ଏକ ବିଶାଳ ଏଆଇ ଡେଟା ସେଣ୍ଟର ପ୍ରତିଷ୍ଠା କରାଯିବା ପାଇଁ ହେଉଥିବା ଉଦ୍ୟମ।ଉପଲବ୍‌ଧ ସୂଚନା ଅନୁସାରେ ସେଠାରେ ୧.୦୪ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇ ୨୫୦ ଏକରବ୍ୟାପୀ ଏକ-ଗିଗାୱାଟ କ୍ଷମତାସଂପନ୍ନ ଏକ ଡେଟା ସେଣ୍ଟର ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ରହିଛି। ସେପ୍‌ଟେମ୍ବରରେ ରାଜ୍ୟ ସରକାର ସେଥିପାଇଁ କ୍ଲିଅରାନ୍‌ସ ପ୍ରଦାନ କରିଥିବା ସୂଚନା ପ୍ରକାଶ ପାଇଛି। ଏଇ ପରିସଂଖ୍ୟାନ ନିଶ୍ଚିତ ରୂପେ ପ୍ରଭାବଶାଳୀ ବୋଧ ହୋଇଥାଏ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସ, କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଅତ୍ୟାଧୁନିକ ଡିଜିଟାଲ ଭିତ୍ତିଭୂମି ଆଦି କ୍ଷେତ୍ରରେ ପୁଞ୍ଜି ନିବେଶକମାନଙ୍କ ପାଇଁ ଓଡ଼ିଶା ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟ ସ୍ଥଳ ବୋଲି ପ୍ରଦର୍ଶିତ କରିବା ନିମିତ୍ତ ରାଜ୍ୟ ସରକାର ଏହାକୁ ଏକ ଶକ୍ତିଶାଳୀ ଉଦାହରଣ ରୂପେ ବ୍ୟବହାର କରିବାକୁ ଚାହିଁବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କିନ୍ତୁ ଏଇ ପ୍ରସ୍ତାବିତ ପ୍ରକଳ୍ପ ପ୍ରତି ଉତ୍ସାହ ପ୍ରଦର୍ଶନ ନିଃସର୍ତ୍ତ ନ ହୋଇ ଯେ ସର୍ତ୍ତମୂଳକ ହେବା ଉଚିତ, ତାହା ଏହାର ସମସ୍ତ ଦିଗକୁ ଯତ୍ନର ସହିତ ଅନୁଶୀଳନ କଲେ ସ୍ପଷ୍ଟ ହୋଇଥାଏ। ଏକ ଡେଟା ସେଣ୍ଟର କେବଳ କେତେଗୁଡ଼ିଏ କମ୍ପ୍ୟୁଟରମାନଙ୍କର ସମାହାର ନୁହେଁ, ଏଠାରେ ଥାଏ ହଜାର ହଜାର ସର୍ଭର, ଷ୍ଟୋରେଜ ସିଷ୍ଟମ, ନେଟୱର୍କିଙ୍ଗ ଉପକରଣମାନ, କୁଲିଙ୍ଗ ବ୍ୟବସ୍ଥା, ବ୍ୟାକଅପ୍ ଜେନେରେଟରମାନ, ଟ୍ରନ୍‌ସଫର୍ମରମାନ, ଏବଂ ଅତ୍ୟାଧୁନିକ ନିରାପତ୍ତା ବ୍ୟବସ୍ଥା। ଏଆଇ ବିପ୍ଳବ ଏ ସମସ୍ତର ଆବଶ୍ୟକତାକୁ କେବଳ ବହୁଗୁଣିତ କରିଦେଇଛି ଯାହା। ଉନ୍ନତ ଏଆଇ ମଡେଲମାନଙ୍କୁ ତାଲିମ ଦେବା ପାଇଁ ଏବଂ ଚଳାଇବା ପାଇଁ ବିଶାଳ କମ୍ପ୍ୟୁଟିଙ୍ଗ କ୍ଷମତା ଆବଶ୍ୟକ ହୋଇଥାଏ। ୨୦୨୬ରେ ଇଣ୍ଟରନେସନାଲ ଏନର୍ଜି ଏଜେନ୍‌ସି କରିଥିବା ଆକଳନ ଅନୁସାରେ ଏଆଇକୈନ୍ଦ୍ରିକ ଡେଟା ସେଣ୍ଟରମାନଙ୍କରେ ବିଦ୍ୟୁତ୍ ଶକ୍ତି ବ୍ୟବହାରରେ ୫୦ ଶତାଂଶ ବୃଦ୍ଧି ଘଟିଥିଲା। ଏହା ଏକ ସାମୟିକ ବୃଦ୍ଧି ନୁହେଁ। ମାନୁଫାକ୍‌ଚରିଙ୍ଗରୁ ଆରମ୍ଭ କରି ସ୍ବାସ୍ଥ୍ୟ ସେବା, ଶିକ୍ଷା, ପରିବହନ, ଫାଇନାନ୍‌ସ ଓ ପ୍ରଶାସନ ପର୍ଯ୍ୟନ୍ତରେ ଏଆଇର ବ୍ୟବହାରରେ ଯେତେ ବୃଦ୍ଧି ଘଟିଚାଲିବ, କମ୍ପ୍ୟୁଟିଙ୍ଗ କ୍ଷମତାରେ ସେତେ ତୀକ୍ଷ୍ଣ ବୃଦ୍ଧି ଆବଶ୍ୟକ ହେବ।ନିଃସନ୍ଦେହରେ ଆଧୁନିକ ଅର୍ଥନୀତି ପାଇଁ ବର୍ତ୍ତମାନ ଡେଟା ସେଣ୍ଟରମାନ ଅପରିହାର୍ଯ୍ୟ ହୋଇସାରିଲେଣି। ବ୍ୟାଙ୍କିଙ୍ଗରୁ ଆରମ୍ଭ କରି ଟେଲିକମ୍ୟୁନିକେସନ୍‌ସ, ଇ-କମର୍ସ, ଡିଜିଟାଲ ପ୍ରଶାସନ, ଏଆଇ, ବିଜ୍ଞାନ ଗବେଷଣା ସମେତ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ସମସ୍ତ କାର୍ଯ୍ୟ ସଂପାଦନରେ ରହିଥାଏ ଡେଟା ସେଣ୍ଟରମାନଙ୍କର ଅପରିହାର୍ଯ୍ୟ ଅବଦାନ। ଆଉ ଏହି ଡେଟା ସେଣ୍ଟରମାନ ଯଦି ସମସ୍ତେ ଦେଶ ବାହାରେ ଅବସ୍ଥିତ ଥାନ୍ତି, ତେବେ ଭାରତ କେବେହେଲେ ଡିଜିଟାଲ ସାର୍ବଭୌମତ୍ବ ହାସଲ କରିବା ସମ୍ଭବ ହୋଇପାରିବ ନାହିଁ। କିନ୍ତୁ ଡେଟା ସେଣ୍ଟରମାନଙ୍କର ଏହି ଅତ୍ୟନ୍ତ ଗୁରୁତ୍ବପୂର୍ଣ୍ଣ ଭୂମିକା ସତ୍ତ୍ବେ ପୃଥିବୀ ସାରା ଏହାର ସ୍ଥାପନ ଏକ ଅତ୍ୟନ୍ତ ବିବଦମାନ ପ୍ରସଙ୍ଗରେ ପରିଣତ ହେବା ଦେଖାଯିବାରେ ଲାଗିଛି। ଏଗୁଡ଼ିକର ସମ୍ବଳ କ୍ଷୁଧା ଅପ୍ରମିତ ହୋଇଥାଏ- ଏମାନେ କାର୍ଯ୍ୟକ୍ଷମ ହେବା ପାଇଁ ଅପର୍ଯ୍ୟାପ୍ତ ପରିମାଣର ଜଳ ଓ ବିଦ୍ୟୁତ୍ ଶକ୍ତି ଆବଶ୍ୟକ କରିଥାନ୍ତି। ଏଥିସହିତ ଅନ୍ୟାନ୍ୟ ସ୍ଥାନୀୟ ଭିତ୍ତିଭୂମି ମଧ୍ୟ ଉପଲବ୍‌ଧ ହେବା ଆବଶ୍ୟକ ହୋଇଥାଏ। ଓଡ଼ିଶା ଏଇ ପରିବର୍ତ୍ତନରେ ଅଂଶଗ୍ରହଣ କରିବାରେ ଏଠାରେ ଏକ ଡେଟା ସେଣ୍ଟରର ସ୍ଥାପନ ନିଶ୍ଚିତ ଭାବରେ ସହାୟକ ହେବ। କିନ୍ତୁ ଏଥିସହିତ ଏହା ଆମର ସମ୍ବଳ ପରିସ୍ଥିତି ଉପରେ ସୃଷ୍ଟି କରୁଥିବା ଚାପ ପ୍ରତି ମଧ୍ୟ ଆମେ ସଚେତନ ହେବା ଆବଶ୍ୟକ। ପ୍ରସ୍ତାବିତ ଏକ-ଗିଗାୱାଟ ପ୍ରକଳ୍ପ ଯଦି ନିରବଚ୍ଛିନ୍ନ ଭାବରେ ଏକ ଗିଗାୱାଟ ଶକ୍ତି ଟାଣିଚାଲେ

ଗଞ୍ଜାମ ବନ୍ୟା: କିଛି ଚିନ୍ତା

ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ଓ ପଡ଼ୋଶୀ ଜିଲ୍ଲାଗୁଡ଼ିକରେ ସୃଷ୍ଟି ହୋଇଥିବା ବନ୍ୟା ଓଡ଼ିଶା ପାଇଁ ଏକ ବଡ଼ ଚେତାବନୀ। ତାତ୍‌କାଳିକ ଦୃଷ୍ଟିକୋଣରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ନିଶ୍ଚିତ ଭାବେ ଜରୁରି। କିନ୍ତୁ ବନ୍ୟାର ବ୍ୟାପକତା ଯୋଗୁଁ ଆମକୁ ଅନେକ ଅସହଜ ପ୍ରଶ୍ନର ସାମନା କରିବା ପାଇଁ ହେଉଛି। ସବୁଠାରୁ ବଡ଼ ପ୍ରଶ୍ନ ଅତି ପ୍ରବଳ ବର୍ଷା, ନଦୀରେ ବନ୍ୟା ଜଳ ପ୍ରବାହ ଏବଂ ଜଳ ସମ୍ପଦ ପରିଚାଳନା କ୍ଷେତ୍ରରେ ଆମର କେତେଦୂର ପ୍ରସ୍ତୁତି ଥିଲା? ଏବେ ପ୍ରାଥମିକତା ହେଉଛି ଜୀବନଯାତ୍ରାକୁ ସ୍ୱାଭାବିକ କରିବା। ଏହି ଆକସ୍ମିକ ବନ୍ୟା ଦ୍ବାରା ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଘରଦ୍ୱାର ଓ ଚାଷ ଜମି ଜଳମଗ୍ନ ହୋଇଛି। ରାସ୍ତାଘାଟ ନଷ୍ଟ ହୋଇଛି ଏବଂ ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଚାଷୀ, ଦିନମଜୁରିଆ ଓ ମତ୍ସ୍ୟଜୀବୀଙ୍କ ଜୀବିକା ଉପରେ ଏହାର ଗଭୀର ପ୍ରଭାବ ପଡ଼ିଛି। ବନ୍ୟାର କରାଳ ଚେହେରା ଯଦି କିଛି ଇଙ୍ଗିତ ଦେଉଛି, ଉଦ୍ଧାର କାର୍ଯ୍ୟ ଶେଷ ହେବା ପରେ ମଧ୍ୟ ଏଠାର ଲୋକମାନଙ୍କ ଜୀବନକୁ ସ୍ୱାଭାବିକ କରିବା ପାଇଁ ଦୀର୍ଘ ସମୟ ଲାଗିବ।ତେବେ, ସରକାରଙ୍କ ସାମନାରେ ଥିବା ଆହ୍ୱାନ କେବଳ ରିଲିଫ ଓ ଥଇଥାନରେ ସୀମିତ ରହିବା ଉଚିତ ନୁହେଁ। ବନ୍ୟା କାହିଁକି ହେଲା, ଏହାର ପ୍ରଭାବ ଏତେ ବ୍ୟାପକ କାହିଁକି ହେଲା ଏବଂ ଭବିଷ୍ୟତରେ ଏଭଳି ବିପର୍ଯ୍ୟୟର କ୍ଷତି କିପରି ହ୍ରାସ କରାଯାଇ ପାରିବ, ତାହାର ଉତ୍ତର ଖୋଜିବାକୁ ପଡ଼ିବ।ଅର୍ଣ୍ଣବ ବାତ୍ୟା ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁଥିଲେ ମଧ୍ୟ ଏହା ପ୍ରମାଣ କରିଛି ଯେ ଅନ୍ୟ କୌଣସି ରାଜ୍ୟରେ ବା ଜିଲ୍ଲାରେ ବାତ୍ୟା ସ୍ଥଳଭାଗ ଛୁଇଁ ନ ଥିଲେ ମଧ୍ୟ ସେଠାରେ ବ୍ୟାପକ କ୍ଷୟକ୍ଷତି ହୋଇପାରେ। ବାତ୍ୟା ସହ ଜଡ଼ିତ ପାଣିପାଗ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅସ୍ୱାଭାବିକ ଭାବେ ପ୍ରବଳ ବର୍ଷା ହୋଇଥିଲା। ଗଞ୍ଜାମର ପାତ୍ରପୁରରେ ୨୪ ଘଣ୍ଟାରେ ୫୪୬ ମିଲିମିଟର ଏବଂ ସୋରଡ଼ାରେ ୫୦୩ ମିଲିମିଟର ବର୍ଷା ରେକର୍ଡ ହୋଇଥିଲା। ସାନଖେମୁଣ୍ଡିରେ ୩୮୮ ମିଲିମିଟର ଓ ଚିକିଟିରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିଲା।ନିଶ୍ଚିତ ଭାବରେ ଏହା ସାଧାରଣ ବର୍ଷା ନ ଥିଲା। ଏତେ ପରିମାଣର ବର୍ଷା ନଦୀ, ନାଳ ଓ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଅସାଧାରଣ ଚାପ ସୃଷ୍ଟି କରିଥିଲା। ପାହାଡ଼ିଆ ଅଞ୍ଚଳରୁ ବହୁ ପରିମାଣର ଜଳ ନଦୀଗୁଡ଼ିକରେ ପ୍ରବେଶ କରିଥିଲା। ଋଷିକୁଲ୍ୟା ଓ ଅନ୍ୟାନ୍ୟ ନଦୀର ଜଳସ୍ତର ବୃଦ୍ଧି ପାଇବା ପଛରେ କେବଳ ଗଞ୍ଜାମରେ ହୋଇଥିବା ବର୍ଷା ଦାୟୀ ନ ଥିଲା। କନ୍ଧମାଳ ଓ ଗଜପତି ଭଳି ଉପରମୁଣ୍ଡ ଅଞ୍ଚଳରେ ହୋଇଥିବା ବର୍ଷାର ପ୍ରଭାବ ମଧ୍ୟ ତଳମୁଣ୍ଡରେ ଅନୁଭୂତ ହୋଇଥିଲା। ପୁରୁଷୋତ୍ତମପୁର ନିକଟରେ ଋଷିକୁଲ୍ୟା ନଦୀ ବିପଦ ସଙ୍କେତ ଅତିକ୍ରମ କରିଥିଲା। ତେଣେ ବଂଶଧାରା ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଉପରକୁ ଉଠିଥିଲା।ବର୍ତ୍ତମାନ ଏହା ସ୍ପଷ୍ଟ ଯେ ପୁରୁଷୋତ୍ତମପୁର ନିକଟରେ ନଦୀବନ୍ଧ ଭାଙ୍ଗିଯିବା ଫଳରେ ବନ୍ୟାର ପ୍ରଭାବ ଆହୁରି ବଢ଼ିଥିଲା। ଜଳଭଣ୍ଡାରର ମାଟି ଭିତରେ ପୂର୍ବରୁ ଅତ୍ୟଧିକ ଜଳ ରହିଥିବାରୁ ନୂଆ ବର୍ଷାଜଳ ଆଉ ମାଟି ଭିତରକୁ ଶୋଷି ହୋଇପାରି ନ ଥିଲା। ଏହା ସହିତ ଗାଁ ଓ ସହର ଚାରିପଟେ ଥିବା ନାଳ, ଜଳ ନିଷ୍କାସନ ମାର୍ଗ ଓ ନଦୀର ପ୍ରବାହ କ୍ଷମତା ଉପରେ ଚାପ ବଢ଼ିଥିଲା।

ସଂସ୍ଥାଗତ ବିଶ୍ୱସନୀୟତାର ସଙ୍କଟ

ଭାରତରେ ଜନସାଧାରଣଙ୍କ ଚର୍ଚ୍ଚାରେ 'ଅଭିଯୋଗ, ମହାଭିଯୋଗ ଏବଂ ଖ୍ୟାତି' ଭଳି ତିନୋଟି ଶବ୍ଦ ମୁଖ୍ୟ ବିଷୟ ହୋଇଛି। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ନେଇ ଆରମ୍ଭ ହୋଇଥିବା ବିବାଦ ଦେଶର ବିଭିନ୍ନ କ୍ଷେତ୍ରରେ ସଂସ୍ଥାଗୁଡ଼ିକର ସୁନାମ ଓ ବିଶ୍ୱସନୀୟତା କିପରି ଗଢ଼ାଯାଏ ଏବଂ ଭଙ୍ଗାଯାଏ, ତାହାର ଏକ ପ୍ରତିଫଳନ। ବର୍ତ୍ତମାନର ରାଜନୈତିକ ଝଡ଼ର ମୁଖ୍ୟ କାରଣ ହେଉଛନ୍ତି 'ଜ୍ଞାନେଶ କୁମାର' ଏବଂ ନିର୍ବାଚନମଣ୍ଡଳୀଗୁଡ଼ିକରେ ଚାଲିଥିବା 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍' (ସିଆଇଆର୍)। ବିରୋଧୀ 'ଇଣ୍ଡିଆ' ମେଣ୍ଟର ଅଭିଯୋଗ ଅନୁଯାୟୀ ଭୋଟର ତାଲିକାରୁ ପ୍ରାୟ ୧୩.୩ କୋଟି ନାମ ବାଦ୍ ଦିଆଯାଇଛି, ଯେଉଁଥିରେ କେବଳ ଦିଲ୍ଲୀରୁ ୪୭ ଲକ୍ଷ ନାମ କଟାଯାଇଛି। ବିରୋଧୀଙ୍କ ଦାବି ଅନୁସାରେ, ଅନ୍ୟ ଦୁଇ ନିର୍ବାଚନ କମିଶନର- ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ, ଫର୍ମ-୬ ପରିବର୍ତ୍ତନରେ ଆପତ୍ତି ଜଣାଇଥିଲେ। ଅନ୍ୟପଟେ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ, ସମସ୍ତ ନିଷ୍ପତ୍ତି ୩ଜଣ ଆୟୁକ୍ତଙ୍କ ସମ୍ମତିରେ ନିଆଯାଇଛି ଏବଂ ଏହି ପଦକ୍ଷେପକୁ ସୁପ୍ରିମ୍‌କୋର୍ଟରେ ଆଇନଗତ ମାନ୍ୟତା ମିଳିଛି। 'ଜନ ମହାଭିଯୋଗ'ରେ ଜଣେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ହଟାଇବା ପାଇଁ ସୁପ୍ରିମ୍‌କୋର୍ଟର ବିଚାରପତିଙ୍କ ଭଳି ଲୋକ ସଭାରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ। ଯେହେତୁ ବିରୋଧୀଙ୍କ ପାଖରେ ଏହି ସଂଖ୍ୟାବଳ ନାହିଁ, ସେଥିପାଇଁ ସେମାନେ 'ପବ୍ଲିକ୍ ଇମ୍ପିଚ୍‌ମେଣ୍ଟ' (ଜନ ମହାଭିଯୋଗ) ନାମକ ଏକ ନୂଆ ରାଜନୈତିକ କୌଶଳ ଆପଣେଇଛନ୍ତି ବୋଲି ଶାସକ ନେତୃବର୍ଗ କହୁଛନ୍ତି।ଅକ୍ଟୋବର ୩୦ରେ 'ଇଣ୍ଡିଆ' ମେଣ୍ଟର ୨୧ଟି ଦଳ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଏକ ସାଙ୍କେତିକ ମହାଭିଯୋଗ କାର୍ଯ୍ୟକ୍ରମ ଏବଂ ନଭେମ୍ବର ୧ରେ ରାମଲୀଳା ମଇଦାନରେ ବିଶାଳ ରାଲି କରିଛନ୍ତି। ରାହୁଲ ଗାନ୍ଧୀ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିବା ସହ 'ଭୋଟ ଚୋରି' ଅଭିଯୋଗର ତଦନ୍ତ ଦାବି କରିଛନ୍ତି। ଫଳରେ ସେପ୍ଟେମ୍ବରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନାମରେ ଜ୍ଞାନେଶ କୁମାରଙ୍କର ଏକ ଭୁଲ୍ ଇସ୍ତଫା ପତ୍ର ଭାଇରାଲ ହୋଇଥିଲା, ଯାହାକୁ ନିର୍ବାଚନ ଆୟୋଗ ମିଥ୍ୟା ବୋଲି ଘୋଷଣା କରିଥିଲେ। ଏହି ଘଟଣାରୁ ସ୍ପଷ୍ଟ ଯେ, ସର୍ବୋଚ୍ଚ ବିଶ୍ୱସନୀୟତା ଧାରଣ କରିଥିବା ଏକ ସାମ୍ବିଧାନିକ ଅନୁଷ୍ଠାନ ସୁନାମ ଓ ପ୍ରତିଷ୍ଠାର ଗମ୍ଭୀର ସଙ୍କଟ ଦେଇ ଗତି କରୁଛି। ଅଭିଯୋଗ-ମହାଭିଯୋଗ-ଖ୍ୟାତିର ଏହି ଚକ୍ର ସବୁଠି ଦୃଶ୍ୟମାନ। ବିଭିନ୍ନ କ୍ଷେତ୍ରରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। କ) ରାଜନୀତି: ଅଭିଯୋଗ ଏବେ ଏକ ଅସ୍ତ୍ର। ଶାସକ ଦଳ ଉପରେ ନିଜ ପ୍ରିୟପାତ୍ରଙ୍କୁ ସୁରକ୍ଷା ଦେବାର ଅଭିଯୋଗ ଲାଗୁଥିବା ବେଳେ ବିରୋଧୀଙ୍କ ଉପରେ ବିନା ପ୍ରମାଣରେ 'ମିଡିଆ ଓ ଜନ ଅଦାଲତ' ଚଲାଇବାର ଅଭିଯୋଗ ହେଉଛି। ଫ୍ରଣ୍ଟଲାଇନ୍‌ର ଆକଳନ ଅନୁଯାୟୀ, ଜ୍ଞାନେଶ କୁମାରଙ୍କ ପାଖରେ ମହାଭିଯୋଗର ଭୟ ନାହିଁ, କାରଣ ସେ ଶାସକ ଦଳର ସୁରକ୍ଷା ବଳୟରେ ଅଛନ୍ତି। ଆଜି 'ଖ୍ୟାତି' କାମ ଦ୍ୱାରା ନୁହେଁ, ବରଂ ଆପଣ କେଉଁ ପକ୍ଷରେ ଅଛନ୍ତି ତାହା ଦ୍ୱାରା ସ୍ଥିର ହେଉଛି। ଖ) ନ୍ୟାୟପାଳିକା: ଅକ୍ଟୋବର ୫ରେ ସୁପ୍ରିମ୍‌କୋର୍ଟ ଜ୍ଞାନେଶ କୁମାରଙ୍କ ନିଲମ୍ବନ ଉପରେ ରୋକ ଲଗାଇ କେନ୍ଦ୍ରକୁ ନୋଟିସ୍ ଜାରି କରିଛନ୍ତି। ଅଦାଲତର ଏହି ସତର୍କ ଆଭିମୁଖ୍ୟ ମଧ୍ୟ ସଂସ୍ଥାର ସୁନାମ ପ୍ରତି ଏକ ଆହ୍ବାନ। (ଗ) ଗଣମାଧ୍ୟମ ଓ ଭଦ୍ର ସମାଜ: ସୋସିଆଲ ମିଡିଆରେ 'ଜ୍ଞାନେଶ ଗେଟ୍' ଟ୍ରେଣ୍ଡ କରିବା ଏବଂ ଗୋଲ ଡାକଘର ନିକଟରେ 'ଜ୍ଞାନୁ ମଷ୍ଟ ଗୋ' ଭଳି ନାରାବାଜି ଦେବା ଦର୍ଶାଉଛି ଯେ, ଫେକ୍ ଖବର ଓ ସୋସିଆଲ ମିଡିଆ ମାତ୍ର ଗୋଟିଏ ଦିନରେ ଜଣେ ଅଭିଜ୍ଞ ପ୍ରଶାସକଙ୍କ ଖ୍ୟାତିକୁ ଧୂଳିସାତ୍ କରିପାରୁଛି।ଫ୍ରଣ୍ଟଲାଇନର ଶୀର୍ଷକ ' ସିଟିଜେନ୍ସ ହାଭ ଟୁ ମଛସ ଟୁ ସେଭ ଇଣ୍ଡିଆନ ଡେମୋକ୍ରାସୀ' ଦର୍ଶାଏ ଯେ, ଗୋଟିଏ ସାମ୍ବିଧାନିକ ସଂସ୍ଥାର ଆଘାତପ୍ରାପ୍ତ ସୁନାମକୁ ସମ୍ପୂର୍ଣ୍ଣ ଗଣତନ୍ତ୍ର ପ୍ରତି ବିପଦ ଭାବେ ଗ୍ରହଣ କରାଯାଉଛି। ଅତୀତରେ ଲାଲ ବାହାଦୁର ଶାସ୍ତ୍ରୀ (୧୯୫୬) ଏବଂ ଭି. ପି. ସିଂହ (୧୯୮୨) ନିଜର ସିଧାସଳଖ ଦୋଷ ନ ଥିଲେ ବି କେବଳ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। କିନ୍ତୁ ଆଜି ସେହି ମାନଦଣ୍ଡ ସମ୍ପୂର୍ଣ୍ଣ ବଦଳିଯାଇଛି। ଏବେ ଅଭିଯୋଗ ହେଉଛି ଯେ, ଆୟୋଗର ନିଷ୍ପତ୍ତି ପାଇଁ ସିଧାସଳଖ ଉତ୍ତରଦାୟୀ ହୋଇଥିଲେ ବି କେହି ନୈତିକ ଉତ୍ତରଦାୟିତ୍ୱ ନେବାକୁ ପ୍ରସ୍ତୁତ ନୁହନ୍ତି।ଅସଲ ପ୍ରଶ୍ନ ହେଉଛି, ଜ୍ଞାନେଶ କୁମାରଙ୍କ ଇସ୍ତଫା ଉପରେ କ'ଣ ମୋଦି ଶାହାଙ୍କ ଭାଗ୍ୟ ନିର୍ଦ୍ଧାରିତ ହେଉଛି?ଯଦି ସେ ଇସ୍ତଫା ଦିଅନ୍ତି, ବିରୋଧୀ ଦାବି କରିବେ ଯେ 'ଭୋଟ ଚୋରି' ଅଭିଯୋଗ ସତ ଥିଲା। ଯଦି ସେ ଇସ୍ତଫା ନ ଦିଅନ୍ତି, ବିରୋଧୀ ଏହାକୁ ୨୦୨୯ ପର୍ଯ୍ୟନ୍ତ ପ୍ରସଙ୍ଗ କରି ନିର୍ବାଚନ ଆୟୋଗକୁ 'କାଠପୁତଳୀ' ବୋଲି ଆଖ୍ୟା ଦେବେ।ଗଣତନ୍ତ୍ରରେ ଅଭିଯୋଗ କୋଳାହଳ ସୃଷ୍ଟି କରେ, ମହାଭିଯୋଗ ନାଟକୀୟତା ଆଣିଥାଏ, କିନ୍ତୁ ଖ୍ୟାତି ଭାଗ୍ୟ ନିର୍ଦ୍ଧାରଣ କରେ। ଜନସାଧାରଣଙ୍କ ପାଖରେ ଥରେ ବିଶ୍ୱସନୀୟତା ଓ ଖ୍ୟାତି ଚାଲିଗଲେ କୌଣସି ଆଇନଗତ ସଫେଇ ତାହାକୁ ଫେରାଇ ଆଣିପାରିବ ନାହିଁ।

ଓଡ଼ିଶା ଏକ ସାଧାରଣ ଭୂଖଣ୍ଡ ନୁହେଁ



ପ୍ରତ୍ୟେକ ଜାତିର ଜୀବନୀ ଶକ୍ତି ଥାଏ ତାର ଭାଷା ଓ ସଂସ୍କୃତିରେ। କାରଣ ଉଭୟ- ଉଭୟଙ୍କ ବିନା ତିଷ୍ଠି ରହିବା ଅସମ୍ଭବ। ତେଣୁ କୁହାଯାଇଛି, ଯେଉଁ ଜାତିର ସଂସ୍କୃତି ଯେତେ ଉନ୍ନତ ତାର ଭାଷା ସେତେ ସୁସଂସ୍କୃତ ସମ୍ପନ୍ନ। ଆଜି ଯଦି ଆମେ ଓଡ଼ିଆ ବୋଲି ବିଶ୍ୱ ଦରବାରରେ ଗର୍ବିତ ଓ ଗୌରବାନ୍ୱିତ, ତେବେ ଏହାର ପଛରେ ଲୁଚିରହିଛି ଆମ ଭାଷା ଏବଂ ସଂସ୍କୃତି । ପୃଥିବୀର ଅନେକ ସଂସ୍କୃତି ସମୟ ସ୍ରୋତରେ ବିଲୀନ ହୋଇଯାଇଥିବା ବେଳେ, ଆମ ମାତୃଭାଷା ଓ ସଂସ୍କୃତି ହଜାର ହଜାର ବର୍ଷ ଧରି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ଏହାର କାରଣ ଉତ୍କଳ ବା ଓଡ଼ିଶା କେବଳ ଏକ ଭୂଖଣ୍ଡ ନୁହେଁ, ବରଂ ଏକ ସମୃଦ୍ଧ ସଭ୍ୟତା। ଯାହା ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ମହାନ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ଯାର ସାହିତ୍ୟ, କଳା, ଭାସ୍କର୍ଯ୍ୟ, ନୌବାଣିଜ୍ୟ ଏବଂ ଉଦାର ମାନବବାଦ ପର୍ଯ୍ୟନ୍ତର ଏପରି ଅନେକ ଐତିହାସିକ ତଥ୍ୟ ରହିଛି, ଯାହା ଓଡ଼ିଶାକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିପାରିଛି। ଏଣୁ ଆମ ଜାତି ଓ ସଂସ୍କୃତି ଆମ ଅସ୍ମିତାର ପରିଚୟ।ଆମ ପ୍ରଦେଶ କେବଳ ଏକ ସାଧାରଣ ଭୂମିଖଣ୍ଡ ନୁହେଁ, ଏହା ଏପରି ଏକ ଭୂଖଣ୍ଡ, ଯାହା ଏ ଭୂମଣ୍ଡଳରେ ଦେଖିବା ଅତ୍ୟନ୍ତ ବିରଳ। ତେଣୁ କପିଳ ସଂହିତା ରେ କୁହା ଯାଇଛି ଯେ:ବର୍ଷାଣାଂ ଭାରତ ଶ୍ରେଷ୍ଠ ଦେଶାନାଂ ଉତ୍କଳ ସ୍ମୃତଃ । ଉତ୍କଳସ୍ୟ ସମୋ ଦେଶୋ, ଦେଶଃ ନାସ୍ତି ମହୀତଳେ ॥ ଏହି ଭୂମି ଜାତି ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି। ଯେଉଁ ଭୂମି ଦିନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରିଦେଇଥିଲା, ତେଣୁ ଏ ଧର୍ମର ଭୂମି। କେବଳ ଏ ଭୂମି ଧର୍ମର ଭୂମି ନୁହେଁ; ଅପିତୁ ତ୍ୟାଗର ଭୂମି, ତପଃର ଭୂମି, ଜ୍ଞାନର ଭୂମି, ବିଜ୍ଞାନର ଭୂମି, ବୀରଙ୍କର ଭୂମି, ଶକ୍ତି, ଭକ୍ତି ଓ ମୁକ୍ତିର ଭୂମି ଏବଂ ସର୍ବୋଦୌ ମହାପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିତ୍ୟ ମାନବୀୟ ଲୀଳାର ଭୂମି। ଏହାର ଇତିହାସ, ସଂସ୍କୃତି ଓ ପରମ୍ପରା ଅତୀବ ପ୍ରାଚୀନ। ଯାହାର ଦୃଷ୍ଟାନ୍ତ ମହର୍ଷି ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ: ଉତ୍କଳୋନାମ ଦେଶୋଽସ୍ତି ଖ୍ୟାତଃ ପରମପାବନଃ ।ଯତ୍ର ତୀର୍ଥାନ୍ୟନେକାନି ପୁଣ୍ୟାନ୍ୟାୟତନାନି ଚ ॥ ଏହି ଶ୍ଳୋକରେ ଜୈମିନି ମୁନି ଉତ୍କଳ ଦେଶର ମହିମା ବର୍ଣ୍ଣନାକରି କହିଛନ୍ତି ଯେ, ଉତ୍କଳ ନାମରେ ଏ'ପରି ଏକ ପରମ ପାବନ ଦେଶ ରହିଛି, ଯା'ର ଖ୍ୟାତି ଚତୁର୍ଦ୍ଦିଗରେ ସୁବିଦିତ। ଯେଉଁଠାରେ ଅନେକ ଗୁଡ଼ିଏ ପବିତ୍ର ତୀର୍ଥସ୍ଥାନ ଏବଂ ପୁଣ୍ୟମୟ ଦେବାଳୟାଦି ମଧ୍ୟ ରହିଆସିଛି । ତା' ସହିତ ଏ ସ୍ଥାନ ଓ ପାତ୍ରର ମଧ୍ୟ ବିଶେଷତା କହିଛନ୍ତି: ଦକ୍ଷିଣସ୍ୟୋଦଧେସ୍ତୀରେ ସ ତୁ ଦେଶଃ ପ୍ରତିଷ୍ଠିତଃ ।ଯତ୍ର ସ୍ଥିତା ବୈପୁରୁଷାଃ ସଦାଚାରନିଦର୍ଶନାଃ ॥ ଏହି ଭୂଖଣ୍ଡ ଭାରତବର୍ଷର ଦକ୍ଷିଣ ସମୁଦ୍ର କୂଳରେ ଅବସ୍ଥିତ। ଯେଉଁଠାରେ ବସବାସ କରୁଥିବା ମନୁଷ୍ୟମାନେ ଅତ୍ୟନ୍ତ ସଦାଚାର ବା ଉତ୍ତମ ଆଚରଣର ଜ୍ୱଳନ୍ତ ନିଦର୍ଶନ ଅଟନ୍ତି । ସେ'ପରି ପ୍ରାଚୀନ ବୌଦ୍ଧ ସାହିତ୍ୟ ଯଥା 'ମହାଗୋବିନ୍ଦ ସୁତ୍ତାନ୍ତ' ଏବଂ ବିଭିନ୍ନ 'ଜାତକ' ଗଳ୍ପରେ ଉତ୍କଳ ଓ କଳିଙ୍ଗର ବର୍ଣ୍ଣନା ରହିଛି। ଏ ପ୍ରଦେଶର ଲିଖିତ ଇତିହାସ ଆରମ୍ଭ ହେବା ପୂର୍ବରୁ, ଏହା ଏକ ଶକ୍ତିଶାଳୀ ଜନପଦ ଭାବରେ ପ୍ରତିଷ୍ଠିତ ହୋଇ ରହିଥିଲା। ଯା'ର ଉତ୍କୃଷ୍ଟ କଳା ଏବଂ ଶିଳ୍ପ ନୈପୁଣ୍ୟତା ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିବା ଯୋଗୁଁ ଏହାର ନାମ ଉତ୍କଳ ବୋଲି କୁହାଯାଇଛି। ଓଡ଼ିଆ ସଂସ୍କୃତି କହିଲେ ସ୍ୱତଃ ଭାବେ ଜଗନ୍ନାଥ ସଂସ୍କୃତିକୁ ହିଁ ବୁଝାଏ। ଯାହା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ଶ୍ରୀଜଗନ୍ନାଥ ହେଉଛନ୍ତି ଏହି ଜାତିର ସ୍ୱାଭିମାନ ଓ ଆତ୍ମା। ଏହି ସଂସ୍କୃତିର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ସମାନତା। ଆମେ ଜାଣିଛେ ଶ୍ରୀମନ୍ଦିର ଭିତରେ ବ୍ରାହ୍ମଣଠାରୁ ଆରମ୍ଭ କରି ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେ ସମାନ। ମହାପ୍ରଭୁଙ୍କ 'ମହାପ୍ରସାଦ' ବା ଅବଢ଼ା ସମସ୍ତେ ଗୋଟିଏ ସ୍ଥାନରେ ବସି ଏକାଠି ଖାଇଥାନ୍ତି। ଏଠାରେ କୌଣସି ଜାତିଭେଦ କିମ୍ବା ଉଚ୍ଚ-ନୀଚର ଭେଦଭାବ ନାହିଁ। ମୁସଲମାନ ଭକ୍ତ ସାଲବେଗ ଏବଂ ଅସ୍ପୃଶ୍ୟ ଦାସିଆ ବାଉରୀଙ୍କ କଥା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ରହିଛି। ମହାପ୍ରଭୁ ଜଗନ୍ନାଥ କେବଳ ଜଣେ ଦେବତା ନୁହଁନ୍ତି, ସେ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ସୁଖ-ଦୁଃଖର ସାଥୀ ଏବଂ ଏ ଜାତୀୟତାର ମୂଳଦୁଆ।ଏହି ସଂସ୍କୃତି ଓଡ଼ିଆମାନଙ୍କର ସରଳତା, ଉଦାରତା ଏବଂ ସର୍ବଧର୍ମ ସମନ୍ୱୟର ଶିକ୍ଷା ଦିଏ। ଯାହା ବିଶ୍ୱକୁ ଶିଖାଏ ଯେ, ସମସ୍ତ ମାନବ ଜାତି ଏକ ଏବଂ ଆମେ ସମସ୍ତେ ସେହି ଗୋଟିଏ ପରମବ୍ରହ୍ମଙ୍କ ସନ୍ତାନ। ଆମ ସଂସ୍କୃତି ଜଗନ୍ନାଥଙ୍କ ବିନା ଅସମ୍ପୂର୍ଣ୍ଣ । ଓଡ଼ିଶାର ଜୀବନଶୈଳୀ, ପରମ୍ପରା, କଳା, ସାହିତ୍ୟ ଏବଂ ଚିନ୍ତାଧାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଛି। ଜଗନ୍ନାଥ ସଂସ୍କୃତି କେବଳ ଏକ ଧାର୍ମିକ ବିଶ୍ୱାସ ନୁହେଁ, ବରଂ ଏହା ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ ଏବଂ ପରିଚୟ। ଏହା ଶାବର (ଆଦିବାସୀ), ବୌଦ୍ଧ, ଜୈନ ଓ ସନାତନ ଧର୍ମର ଏକ ସୁନ୍ଦର ସମନ୍ୱୟ ଏବଂ ସର୍ବପୁରାତନ ଧାର୍ମିକ ସମାବେଶ ମଧ୍ୟରୁ ଗୋଟିଏ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏହି ସଂସ୍କୃତି ସହିତ ଏହାର ସାହିତ୍ୟ ଅଧ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସାରଳା ଦାସଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଭାଗବତ ଠାରୁ ଆରମ୍ଭ କରି ବଳରାମ ଦାସଙ୍କ ଜଗମୋହନ ରାମାୟଣ ଏବଂ ଉପେନ୍ଦ୍ର ଭଞ୍ଜଙ୍କ ରୀତି ସାହିତ୍ୟ ପର୍ଯ୍ୟନ୍ତ ସବୁକିଛି ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରମାଣିତ କରେ। ଆଧୁନିକ ଯୁଗରେ ଫକୀର ମୋହନ ସେନାପତି, ରାଧାନାଥ ରାୟ ଏବଂ ଗଙ୍ଗାଧର ମେହେରଙ୍କ ଭଳି କବି ଓ ଲେଖକମାନେ ଏହି ପରମ୍ପରାକୁ ଆଗକୁ ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କୁହାଯାଉଛି:ଜଗନ୍ନାଥେ ପ୍ରୀତି ଓଡ଼ିଆ ସଂସ୍କୃତି ଉଡ଼ାଏ ସଂସାରେ ନେତ ସାହିତ୍ୟ ଯାହାର ନାହିଁ ପଟାନ୍ତର ଜଗନ୍ନାଥ ଭାଗବତ କହଇ ହେମନ୍ତ ଗର୍ବେ ଓଡ଼ିଆର କବି ଭାରି ଅନୁଭବି ଭଞ୍ଜ ବଳଦେବ ସର୍ବେ।। ଉପରୋକ୍ତ ବିଷୟ ସୂଚାଏ ଓଡ଼ିଆ ଭାଷା କୌଣସି ଆଧୁନିକ ଭାଷାର ଉପଭାଷା ନୁହେଁ, ବରଂ ଏହା ଏକ ସ୍ୱୟଂସମ୍ପୂର୍ଣ୍ଣ ଏବଂ ଅତି ପ୍ରାଚୀନ ଭାଷା। ତେଣୁ ୨୦୧୪ ମସିହା ଫେବୃଆରୀ ୨୦ ତାରିଖରେ ଭାରତ ସରକାର ଏହି ଭାଷାକୁ 'ଶାସ୍ତ୍ରୀୟ ଭାଷା' ର ମାନ୍ୟତା ପ୍ରଦାନ କରିଛନ୍ତି। ସବୁଠାରୁ ଗର୍ବର କଥା ହେଉଛି, ଦକ୍ଷିଣ ଭାରତୀୟ ଭାଷା (ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ୍) ଓ ସଂସ୍କୃତ ପରେ ଓଡ଼ିଆ ହେଉଛି ଭାରତର ଷଷ୍ଠ ଭାଷା ଏବଂ ଉତ୍ତର-ପୂର୍ବ ଭାରତର ପ୍ରଥମ ଇଣ୍ଡୋ-ଆର୍ଯ୍ୟ ଭାଷା ଯାହାକୁ ଏହି ସମ୍ମାନ ମିଳିଛି। ଭାଷାବିତ୍‌ମାନଙ୍କ ଅନୁସାରେ ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶର ଇତିହାସ ପ୍ରାୟ ୧୫୦୦ ରୁ ୨୦୦୦ ବର୍ଷରୁ ଅଧିକ ପୁରୁଣା ହେବ। ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଏବଂ ୧୦୫୧ ଖ୍ରୀଷ୍ଟାବ୍ଦର ଉର୍ଜାମ ଶିଳାଲେଖ ଏହାର ପ୍ରାଚୀନତାର ସ୍ପଷ୍ଟ ପ୍ରମାଣ ଦେଇଥାଏ। ସର୍ବ ଭାଷାର ଜନନୀ କୁହାଯାଉଥିବା ସଂସ୍କୃତ ପରେ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ପ୍ରାଚୀନ ତାଳପତ୍ର ପୋଥି ଓ ପାଣ୍ଡୁଲିପି ସଂରକ୍ଷିତ ହୋଇ ରହିଛି, ଯାହା ଓଡ଼ିଆ ସାହିତ୍ୟର ବ୍ୟାପକତାକୁ ଦର୍ଶାଏ। ପରନ୍ତୁ ଇଂରେଜ ଶାସନ କାଳରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ଭାବେ ଲୋପ କରିଦେବା ପାଇଁ ଅପଚେଷ୍ଟା କରାଯାଇଥିଲା। କିନ୍ତୁ ତତ୍କାଳୀନ ଏ ମାଟିର ବରପୁତ୍ରମାନେ ଯଥା : ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭଳି ଅନେକ ମହାନ ଜନନାୟକଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଓ ଓଡ଼ିଆ ଭାଷାର ସୁରକ୍ଷା ଆନ୍ଦୋଳନ ତେଜିଥିଲା। ଶେଷରେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଓଡିଶା ଭାରତର ଭାଷା ଭିତ୍ତିରେ ପ୍ରଥମ ରାଜ୍ୟ ଭାବେ ଗଠିତ ହେବାର ଗୌରବ ଅର୍ଜନ କରିଥିଲା। ଏହା କେବଳ ଓଡ଼ିଆ ଭାଷାର ପ୍ରେମ ଯୋଗୁଁ ହିଁ ନିଜର ଏକ ସ୍ୱତନ୍ତ୍ର ଭୂଗୋଳ ସୃଷ୍ଟି କରିଛି।ଓଡ଼ିଆ ସଂସ୍କୃତି ହେଉଛି ଓଡ଼ିଶାର ମାଟି, ପାଣି, ପବନ ଏବଂ ଏଠାକାର ଅଧିବାସୀଙ୍କ ହୃଦୟର ସଂସ୍କୃତି। ଏହା ଶାନ୍ତି ଏବଂ ମୈତ୍ରୀର ବାର୍ତ୍ତା ପ୍ରସାରକ ଅଟେ। ଯାହାର ଦୃଷ୍ଟାନ୍ତ ଦିନେ ସମ୍ରାଟ ଅଶୋକ ଓଡ଼ିଶା ମାଟିରେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ଏହା ଭାଷା ଏବଂ ସଂସ୍କୃତି କେବଳ ଅତୀତର ଇତିହାସ ନୁହେଁ, ଏହା ହେଉଛି ଆମର ବର୍ତ୍ତମାନ ଓ ଭବିଷ୍ୟତର ମୂଳଦୁଆ । ଏହାର ଶାସ୍ତ୍ରୀୟତା, ଶାନ୍ତିପ୍ରିୟତା, ସହନଶୀଳତା ଏବଂ ସାର୍ବଜନୀନ ଭାତୃଭାବ ଓଡ଼ିଶାକୁ ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ଏବଂ ଗର୍ବିତ ସ୍ଥାନ ପ୍ରଦାନ କରିଛି । ଏହି ମହାନ ପରମ୍ପରାକୁ ବଜାୟ ରଖିବା ସହ, ଆମକୁ ଆମର ଆଗାମୀ ପିଢ଼ିଙ୍କ ପାଇଁ ଏ ଭାଷାକୁ ସୁରକ୍ଷିତ କରିବା ପ୍ରତ୍ୟେକ ଓଡ଼ିଆଙ୍କର ପରମ କର୍ତ୍ତବ୍ୟ ।

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା,ଗଞ୍ଜାମ
୯୮୬୧୩୩୪୮୬୮

ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍: ଦର୍ଶକ ସଂଖ୍ୟାରେ ନୂଆ ରେକର୍ଡ



ନୂଆଦିଲ୍ଲୀ: ନିକଟରେ ଶେଷ ହୋଇଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଦର୍ଶକରେ ନୂଆ ରେକର୍ଡ କରିଛି। ଏହି ପ୍ରତିଯୋଗିତାର ୩୩ଟି ମ୍ୟାଚ୍କୁ ପ୍ରଶଂସକମାନେ ମୋଟ ୪୭.୧ କୋଟି ଘଣ୍ଟା ଦେଖିଛନ୍ତି। ଯାହା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ। ଗତ ସଂସ୍କରଣରେ ଏହି ସଂଖ୍ୟା ୧୮୪ ନିୟୁତ ଘଣ୍ଟା ଥିଲା। ଚଳିତ ବର୍ଷ ଏଥିରେ ୧୫୬ ପ୍ରତିଶତ ବଢ଼ିଛି। ଭାରତ-ପାକିସ୍ତାନ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍କୁ ସର୍ବାଧିକ ଲୋକ ଦେଖିଛନ୍ତି। ଏହି ମ୍ୟାଚ୍କୁ ସାରା ବିଶ୍ୱରେ ୭୭ ନିୟୁତରୁ ଅଧିକ ଘଣ୍ଟା ଦେଖାଯାଇଛି। ଏହାବାଦ୍ ଭାରତର ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷ ମ୍ୟାଚ୍କୁ ଯଥାକ୍ରମେ ୫୪, ୫୧ ଓ ୪୨ ନିୟୁତ ଘଣ୍ଟା ଦର୍ଶକ ଦେଖିଛନ୍ତି। ଆୟୋଜକ ଦେଶ ବ୍ରିଟେନ୍ରେ ମଧ ଏହି ବିଶ୍ୱକପ୍ ନୂଆ ରେକର୍ଡ କରିଛି। ସ୍କାଏ ସ୍ପୋର୍ଟସ୍ରେ ମୋଟ ୧୮.୨ ନିୟୁତ ଘଣ୍ଟା ଦର୍ଶକ ମ୍ୟାଚ୍ ଦେଖିଥିଲେ। ଇଂଲଣ୍ଡର ମ୍ୟାଚ୍ଗୁଡ଼ିକୁ ହାରାହାରି ୩ ଲକ୍ଷ ୮୧ ହଜାର ଦର୍ଶକ ଦେଖିଥିଲେ। ଇଂଲଣ୍ଡ-ଅଷ୍ଟ୍ରେଲିଆ ଫାଇନାଲ୍ରେ ଦର୍ଶକ ସଂଖ୍ୟା ୬ ଲକ୍ଷ ୭୮ ହଜାର ଛୁଇଁଥିଲା। ଏହି ପ୍ରତିଯୋଗିତାରୁ ବ୍ରିଟେନ୍ ୯୩.୮ ନିୟୁତ ଡଲାର (ପ୍ରାୟ ୮୮୫ କୋଟି) ଅର୍ଥରାଶି ଲାଭ କରିଛି। ଅନ୍ୟପକ୍ଷରେ, ପ୍ରତିଯୋଗିତାର ୨୫ ଦିନରେ ମୋଟ ୨ଲକ୍ଷ ୪୫ ହଜାର ୮୨୫ ଜଣ ଦର୍ଶକ ଷ୍ଟାଡିୟମ୍ରେ ମ୍ୟାଚ୍ ଦେଖିଥିଲେ। ଲର୍ଡସ୍ରେ ଖେଳାଯାଇଥିବା ଫାଇନାଲ୍ରେ ୨୮,୮୮୭ ଦର୍ଶକ ଷ୍ଟାଡିୟମ୍ରେ ଉପସ୍ଥିତି ରହି ଏହାର ମଜା ନେଇଥିଲେ। ଏହା ମଧ ବ୍ରିଟେନ୍ରେ ମହିଳା କ୍ରିକେଟ୍ ମ୍ୟାଚ୍ରେ ସର୍ବାଧିକ ଦର୍ଶକର ରେକର୍ଡ କରିଛି। ଏହାବାଦ୍ ଆଇସିସିର ଡିଜିଟାଲ୍ ପ୍ଲାଟଫର୍ମରେ ମଧ ବିଶ୍ୱକପ୍ ସମ୍ପର୍କିତ ଭିଡିଓ ଓ ବିଷୟବସ୍ତୁ ୩୨୦ କୋଟି ଥର ଦେଖାଯାଇଛି। ଯାହା ୨୦୨୪ ତୁଳନାରେ ପ୍ରାୟ ୨୫୦ ପ୍ରତିଶତ ଅଧିକ।

ଜାଣନ୍ତୁ ବିରାଟ କୋହଲିଙ୍କ ସୁସ୍ଥ ଜୀବନଶୈଳୀର ସୂତ୍ର




ନୂଆଦିଲ୍ଲୀ: ବିରାଟ କୋହଲିଙ୍କ ନାମ ଶୁଣିବା ମାତ୍ରେ ଲୋକଙ୍କ ମନକୁ ତାଙ୍କ ଚମତ୍କାର ଫିଟନେସ୍, ସୁଗଠିତ ଶରୀର ଏବଂ ପଡ଼ିଆରେ ତାଙ୍କ ଚଞ୍ଚଳତା କଥା ମନେ ପଡ଼ିଯାଏ। ନଭେମ୍ବର ୫ ତାରିଖରେ ଜନ୍ମଦିନ ପାଳନ କରୁଥିବା ବିରାଟ କୋହଲି କେବଳ ନିଜ ଖେଳ ନୁହେଁ, ବରଂ ଫିଟନେସ୍ ଓ ଜୀବନଶୈଳୀ ଜରିଆରେ ମଧ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିଛନ୍ତି। ତାଙ୍କ ଫିଟନେସର ସବୁଠାରୁ ବଡ଼ ରହସ୍ୟ ହେଉଛି ବର୍ଷବର୍ଷର ପରିଶ୍ରମ, ଶୃଙ୍ଖଳା ଏବଂ ଖାଦ୍ୟପେୟ ଅଭ୍ୟାସରେ ପରିବର୍ତ୍ତନ ହିଁ ତାଙ୍କ ଫିଟନେସର ମୁଖ୍ୟ ଆଧାର। ଏକ ସମୟରେ ବିରାଟ ଖାଇବା ପିଇବା ପାଇଁ ବେଶ୍ ସଉକିନ୍ ଥିଲେ। କିନ୍ତୁ ସମୟ ସହିତ ସେ ନିଜ ଅଭ୍ୟାସରେ ପରିବର୍ତ୍ତନ ଆଣିଥିଲେ। ଏବେ ତାଙ୍କ ଖାଦ୍ୟପେୟ ବେଶ୍ ସନ୍ତୁଳିତ ଓ ନିୟନ୍ତ୍ରିତ। ଖାଦ୍ୟର ପରିମାଣ, ପୋଷକତତ୍ତ୍ୱ ଏବଂ ଶରୀରର ଆବଶ୍ୟକତା ଉପରେ ସେ ବିଶେଷ ଧ୍ୟାନ ଦିଅନ୍ତି। ତେବେ ଜନ୍ମଦିନ ଅବସରରେ ଆସନ୍ତୁ ଜାଣିବା, ନିଜକୁ ଫିଟ୍ ରଖିବା ପାଇଁ ବିରାଟ କେତେ ପରିଶ୍ରମ କରନ୍ତି ଏବଂ ତାଙ୍କ ଡାଏଟ୍ରେ କ'ଣ ସବୁ ସାମିଲ ରହିଛି?ଏମିତି ଆରମ୍ଭ ହୋଇଥିଲା ଫିଟନେସ୍ ଯାତ୍ରା ବିରାଟ କୋହଲିଙ୍କ ଫିଟନେସ୍ ଯାତ୍ରା କେବଳ ଜିମ୍ରେ ଝାଳ ବୁହାଇବାରୁ ଆରମ୍ଭ ହୋଇ ନଥିଲା। ସେ ପ୍ରଥମେ ନିଜ ଖାଦ୍ୟପେୟ ଅଭ୍ୟାସ ଉପରେ କାମ କରିଥିଲେ। ଏକ ସମୟରେ ତାଙ୍କୁ ଛଣାଛଣି ଖାଦ୍ୟ, ଆମିଷ ଏବଂ ମସଲାଯୁକ୍ତ ଖାଦ୍ୟ ବେଶ୍ ପସନ୍ଦ ଥିଲା। କିନ୍ତୁ ଫିଟନେସ୍କୁ ପ୍ରାଥମିକତା ଦେବା ପରେ ସେ ନିଜ ଖାଦ୍ୟପେୟରେ ବଡ଼ ପରିବର୍ତ୍ତନ ଆଣିଥିଲେ।୨୦୨୬ ଜୁଲାଇରେ ପ୍ରକାଶିତ ଏକ ରିପୋର୍ଟରେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ସେଫ୍ ଅରୁଣ ଚୌହାନ କହିଥିଲେ ଯେ, ବିରାଟ ପୂର୍ବରୁ ଖାଇବା ପାଇଁ ବେଶ୍ ସଉକିନ୍ ଥିଲେ ଏବଂ ତେଲିଆ ଖାଦ୍ୟ ମଧ ପସନ୍ଦ କରୁଥିଲେ। ପରେ ସେ ନିଜ ଫିଟନେସ୍ ଉପରେ ଧ୍ୟାନ ଦେବା ଆରମ୍ଭ କରିଥିଲେ। ଏବେ ତାଙ୍କ ଖାଦ୍ୟ ତାଲିକାରେ ଟୋଫୁ, ସାଲାଡ୍, ଗଜାମୁଗ ଏବଂ ଡାଲି ଭଳି ଖାଦ୍ୟ ରହିଛି। ବିରାଟ ନିଜେ ମଧ ଅନେକ ସାକ୍ଷାତକାରରେ କହିଛନ୍ତି ଯେ, ଫିଟ୍ ରହିବା ପାଇଁ ସଠିକ୍ ଖାଦ୍ୟପେୟ ଅତ୍ୟନ୍ତ ଜରୁରୀ। କେବଳ ଜିମ୍ରେ ପରିଶ୍ରମ କଲେ ଫିଟନେସ୍ ମିଳେନାହିଁ, ବରଂ ଖାଦ୍ୟପେୟ ଅଭ୍ୟାସରେ ସୁଧାର ଆଣିବା ମଧ ସେତିକି ଜରୁରୀ। ବିରାଟ କୋହଲିଙ୍କ ଖାଦ୍ୟପେୟର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ସେ ଅଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ପସନ୍ଦ କରନ୍ତି ନାହିଁ। ତାଙ୍କର ପ୍ରାୟ ୯୦ ପ୍ରତିଶତ ଖାଦ୍ୟ ସିଝା ହୋଇଥାଏ। ସେ ଖାଦ୍ୟରେ ଅଧିକ ମସଲା ବ୍ୟବହାର କରନ୍ତି ନାହିଁ। ସ୍ୱାଦ ପାଇଁ ଲୁଣ, ଗୋଲମରିଚ ଏବଂ ଲେମ୍ବୁ ବ୍ୟବହାର କରନ୍ତି। ତାଙ୍କୁ ସାଲାଡ୍ ଖାଇବା ମଧ ବେଶ୍ ପସନ୍ଦ। ଏହାବ୍ୟତୀତ ପ୍ୟାନ୍-ଗ୍ରିଲ୍ ଖାଦ୍ୟ ମଧ ତାଙ୍କ ଡାଏଟରେ ଅଂଶ। ସେ ରାଜମା ଓ ଲୋବିଆ ଭଳି ଖାଦ୍ୟ ମଧ ଖାଆନ୍ତି। ପଞ୍ଜାବୀ ହୋଇଥିବାରୁ ଏହି ଖାଦ୍ୟଗୁଡ଼ିକୁ ସେ ନିଜ ଡାଏଟ୍ରୁ ସମ୍ପୂର୍ଣ୍ଣ ବାଦ୍ ଦେଇନାହାନ୍ତି। ତାଙ୍କ ଡାଏଟରେ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇବା ଏବଂ ଅନାବଶ୍ୟକ କ୍ୟାଲୋରିରୁ ଦୂରେଇ ରହିବା। ଏହାସହ ସେ ଦିନକୁ ଦୁଇ କପ୍ କଫି ପିଅନ୍ତି । ୨୦୧୮ ମସିହା ପାଖାପାଖି ବିରାଟ କୋହଲି ନିଜ ଖାଦ୍ୟପେୟରେ ବଡ଼ ପରିବର୍ତ୍ତନ ଆଣି ଶାକାହାରୀ ଖାଦ୍ୟକୁ ପ୍ରାଥମିକତା ଦେବା ଆରମ୍ଭ କରିଥିଲେ। ୨୦୨୧ ମସିହାରେ ସେ ସୋସିଆଲ୍ ମିଡିଆରେ ନିଜକୁ ଶାକାହାରୀ ବୋଲି କହିଥିଲେ। ତାଙ୍କ ଡାଏଟ୍ରେ ପ୍ରୋଟିନ୍କୁ ବିଶେଷ ଗୁରୁତ୍ୱ ଦିଆଯାଏ। ଶାକାହାରୀ ଖାଦ୍ୟରୁ ମଧ ଶରୀରକୁ ପର୍ଯ୍ୟାପ୍ତ ପ୍ରୋଟିନ୍ ମିଳିପାରିବ। ଏଥିପାଇଁ ଡାଲି, ସୋୟା, ଟୋଫୁ, ରାଜମା, ଲୋବିଆ, ବିନ୍ସ ଭଳି ପ୍ରୋଟିନ୍ଯୁକ୍ତ ଖାଦ୍ୟ ଭଲ ବିକଳ୍ପ।

ସିଏସ୍କେ-ଏସ୍ଆର୍ଏଚ୍ ମଧ୍ୟରେ ୪ ଖେଳାଳି ଅଦଳବଦଳ



ନୂଆଦିଲ୍ଲୀ: ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ଓ ସନ୍ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ୪ ଖେଳାଳି ଅଦଳବଦଳ ହୋଇଛନ୍ତି। ଏସ୍ଆର୍ଏଚ୍ରୁ ଲିଅମ୍ ଲିଭିଂଷ୍ଟୋନ୍ ଓ ଜ୍ୟାକ୍ ଏଡୱାର୍ଡ୍ସ ସିଏସ୍କେ ଯାଇଛନ୍ତି। ସିଏସ୍କେରୁ ଖଲୀଲ ଅହମଦ ଓ ନାଥନ ଏଲିସ୍ ଏସ୍ଆର୍ଏଚ୍କୁ ଆସିଛନ୍ତି। ୧୩ କୋଟି ଟଙ୍କାରେ ବିକ୍ରି ହୋଇଥିବା ଇଂଲଣ୍ଡ ଅଲ୍ରାଉଣ୍ଡର ଲିଭିଂଷ୍ଟୋନ୍ ଏବେ ୬ କୋଟି ଟଙ୍କାରେ ସିଏସ୍କେରେ ଯୋଗ ଦେଇଛନ୍ତି। ଅଷ୍ଟ୍ରେଲିଆ ସିମ୍ ବୋଲିଂ ଅଲ୍ରାଉଣ୍ଡର ଏଡୱାର୍ଡଙ୍କ ଦଳ ପୂର୍ବ ପରି ୩ କୋଟି ରହିଛି। ଅଷ୍ଟ୍ରେଲିଆ ପକ୍ଷରୁ ଅନ୍ତର୍ଜାତୀୟ ପଦାର୍ପଣ କରିବା ପୂର୍ବରୁ ଏଡୱାର୍ଡଙ୍କୁ ଏସ୍ଆର୍ଏଚ୍ ଦଳରେ ସାମିଲ କରିଥିଲା। ହେଲେ ପାଦ ଜନିତ ଆହତ କାରଣ ଯୋଗୁଁ ୨୦୨୬ ଆଇପିଏଲ୍ରେ ଖେଳି ପାରି ନଥିଲେ। ବାମହାତୀ ଭାରତୀୟ ଦ୍ରୁତ ବୋଲର ଖଲୀଲଙ୍କୁ ସେହି ୪.୮ କୋଟିରେ ନେଇଛି ଏସ୍ଆର୍ଏଚ୍। ଖଲୀଲ ପୂର୍ବରୁ ଏସ୍ଆର୍ଏଚ୍ ପକ୍ଷରୁ ୨୦୧୮ରୁ ୨୦୨୧ ପର୍ଯ୍ୟନ୍ତ ଖେଳିଥିଲେ। ୨୦୨୫ରେ ସେ ସିଏସ୍କେ ପକ୍ଷରୁ ୧୪ ମ୍ୟାଚ୍ ଖେଳି ୧୫ ୱିକେଟ୍ ନେଇଥିଲେ। ହେଲେ ଆହତ କାରଣରୁ ଗତ ଋତୁରେ ଖେଳିପାରି ନଥିଲେ। ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ଏଲିସ୍ଙ୍କ ପୂର୍ବ ଦର ୨ କୋଟିରେ କୌଣସି ପରିବର୍ତ୍ତନ ହୋଇନି। ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍କେ) ଓ ସନ୍ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ୪ ଖେଳାଳି ଅଦଳବଦଳ ହୋଇଛନ୍ତି। ଏସ୍ଆର୍ଏଚ୍ରୁ ଲିଅମ୍ ଲିଭିଂଷ୍ଟୋନ୍ ଓ ଜ୍ୟାକ୍ ଏଡୱାର୍ଡ୍ସ ସିଏସ୍କେ ଯାଇଛନ୍ତି।

ବିଶ୍ୱ ରେକର୍ଡ: ଗୋଟିଏ ଫୁଟ୍ବଲ୍ ମ୍ୟାଚ୍ରେ ୫୧ ରେଡ୍କାର୍ଡ




ନୂଆଦିଲ୍ଲୀ:ବ୍ରାଜିଲରେ ଏକ ୨୦ ବର୍ଷରୁ କମ୍ ମ୍ୟାଚ୍ରେ ଅଭୁତପୂର୍ବ ଘଟଣା ଦେଖିବାକୁ ମିଳିଛି। ୫୧ ଜଣଙ୍କୁ ରେଡ୍କାର୍ଡ ପ୍ରଦାନ କରାଯାଇଛି। ଯାହା ନୂଆ ବିଶ୍ୱ ରେକର୍ଡ ହୋଇଛି। ଆୟୋଜକ ଉବରଲାଣ୍ଡିଆ ଓ ମାମୋରେ ମଧ୍ୟରେ ଖେଳାଯାଇଥିବା ୨୦ ବର୍ଷରୁ କମ୍ କାମ୍ପିଓନାଟୋ ମିନିରୋ (ଦ୍ୱିତୀୟ ଡିଭିଜନ) ସେମିଫାଇନାଲ୍ରେ ଏହି ଘଟଣା ଦେଖିବାକୁ ମିଳିଥିଲା। ମ୍ୟାଚ୍ର ୫୪ତମ ମିନିଟ୍ ବେଳେ ମାମୋରେ ୩-୧ରେ ଆଗୁଆ ହେବା ପରେ ଖେଳାଳିଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ରେଫରିଙ୍କ କହିବା ଅନୁଯାୟୀ, ମାମୋରେର ଫରୱାର୍ଡ ଡାଭି ଗୋଲ୍ କରିବା ପରେ ପ୍ରତିପକ୍ଷ ଦଳର ବଦଳ ଖେଳାଳି ଓ ସହାୟକ କର୍ମଚାରୀଙ୍କୁ ଚିଡ଼ାଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଉବରଲାଣ୍ଡିଆର ଗୋଲ୍କିପିଂ ପ୍ରଶିକ୍ଷକ ପାଉଲୋ ସର୍ଜିଓ ଡିଆସ୍ ଡସ୍ ସାଣ୍ଟୋସ୍ ପଡ଼ିଆ ଭିତରକୁ ପସି ପାଟିତୁଣ୍ଡ ଆରମ୍ଭ କରିଥିଲେ। ଏହାପରେ ଉଭୟ ଦଳର ଖେଳାଳି, ବୋର୍ଡ ଅଧିକାରୀ ଓ ସହାୟକ କର୍ମଚାରୀ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଯାଇଥିଲା। ଏହି ଗଣ୍ଡଗୋଳରେ ମଧ ୬ ଜଣ ବଲ୍‌ବୟ ସାମିଲ ହୋଇଥିଲେ। ଏଭଳି ସ୍ଥିତି ଉପୁଜିଥିଲା ଯେ ରେଫରି ଓ ଅମ୍ପାୟାର ଏହାକୁ ଅଟକାଇ ପାରି ନଥିଲେ। ଶେଷରେ ସାମରିକ ପୁଲିସକୁ ଡାକି ସ୍ଥିତି ନିୟନ୍ତ୍ରଣ କରାଯାଇଥିଲା। ଗଣ୍ଡଗୋଳ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା। ଏହି ଘଟଣା ପୂର୍ବରୁ ମ୍ୟାଚ୍ ବେଳେ ୩ ଜଣ ଖେଳାଳି ରେଡ୍କାର୍ଡ ପାଇଥିଲେ। ଗଣ୍ଡଗୋଳ ପରେ ରେଫରି ଆଉ ୪୮ ଜଣଙ୍କୁ ରେଡ୍କାର୍ଡ ଦେଇଥିଲେ ଏବଂ ମ୍ୟାଚ୍କୁ ବାତିଲ କରିଥିଲେ। ୪୩ ଖେଳାଳି, ୮ ସହାୟକ କର୍ମଚାରୀ ଓ ୨ ବୋର୍ଡ ସଦସ୍ୟଙ୍କ ସହ ମୋଟ ୫୧ ଜଣଙ୍କୁ ରେଡ୍କାର୍ଡ ଦେଇ। ବିଦା କରାଯାଇଥିଲା। ସର୍ବାଧିକ ରେଡ୍କାର୍ଡ ପାଇବାରେ ଏହି ମ୍ୟାଚ୍ ପୂର୍ବ ଗିନିଜ୍ ବିଶ୍ୱ ରେକର୍ଡ (୩୬ ରେଡ୍କାର୍ଡ)କୁ ଭାଙ୍ଗିଥିଲା। ପୂର୍ବରୁ ୨୦୧୧ରେ ଆର୍ଜେଣ୍ଟିନାର କ୍ଲେପୋଲ ଓ ଭିକ୍ଟୋରିଆନୋ ଆରେନାସ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ରେ ୩୬ ଜଣ ରେଡ୍କାର୍ଡ ପାଇଥିଲେ।

ରାଉରକେଲାରେ ଆଜି ଠାରୁ ଆରମ୍ଭ ହେବ ଇଣ୍ଡିଆନ୍ ଫୁଟବଲ୍ ଲିଗ୍



ଫୁଟବଲ ରଙ୍ଗରେ ରଙ୍ଗେଇ ହେବ ରାଉରକେଲା ସହର । ଆଜି ଠାରୁ ଆୟୋଜନ ହେବାକୁ ଯାଉଛି ଇଣ୍ଡିଆନ ଫୁଟବଲ ଲିଗ । ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଛି । ସମ୍ବଲପୁରୀ ସମଲେଶ୍ୱରୀ ସ୍ପୋର୍ଟିଂ ସହ ଡେମ୍ପୋ କ୍ଲବ ମଧ୍ୟରେ ହେବ ମ୍ୟାଚ । ରାଜ୍ୟ ସରକାର ଏବଂ ଅଲ ଇଣ୍ଡିଆ ଫୁଟବଲ ଫେଡରେସନ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ପ୍ରଥମ ଥର ରାଉରକେଲାରେ ଅନୁଷ୍ଠିତ ହେବାକୁ ଯାଉଛି । ରାଉରକେଲାକୁ ହୋମ ଗ୍ରାଉଣ୍ଡ ଭାବରେ ଚୟନ କରିଛି ସମଲେଶ୍ୱରୀ ସ୍ପୋର୍ଟିଂ । ପ୍ରଥମ ଥର ଲାଗି ଏହି ସର୍ବଭାରତୀୟ ଟୁର୍ଣ୍ଣାମେଂଟ ରେ ଭାଗ ନେଇଛି ସମଲେଶ୍ୱରୀ ସ୍ପୋର୍ଟିଂ । ଟୁର୍ଣ୍ଣାମେଣ୍ଟରେ ମୋଟ ୧୧ ଟିମ ଭାଗ ନେଉଥିବା ବେଳେ ସାରା ଭାରତର ବିଭିନ୍ନ ସ୍ଥାନରେ ଏହି ମ୍ୟାଚ ଆୟୋଜିତ ହେବ ।ସମଲେଶ୍ୱରୀ ସ୍ପୋର୍ଟିଂ, ଡେମ୍ପୋ ଗୋଆ, ରାଜସ୍ଥାନ ୟୁନାଇଟେଡ୍, ନାଗଲାଣ୍ଡ ୟୁନାଇଟେଡ୍, ବେଙ୍ଗଲୁରୁ ୟୁନାଇଟେଡ୍,ରିୟଲ କାଶ୍ମୀର, ଗୋକୁଲମ କେରଳା, ମହୋମଦାନ ସ୍ପୋର୍ଟିଂ,ଚନମାରି ସହ ଶ୍ରୀନିଧି ଡେକାନ ସହ ସିଲଂ କ୍ଲବ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଆସନ୍ତା କାଲି ଠାରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୨୦ ଯାଏ ଚାଲିବ । ଯେଉଁ ଦଳ ପ୍ରଥମ ସ୍ଥାନ ଅଧିକାର କରିବ ସେ ସିଧାସଳଖ ଇଣ୍ଡିଆନ ସୁପର ଲିଗ ଟୁର୍ଣ୍ଣାମେଂଟ ରେ ଖେଳିବାର ସୁଯୋଗ ପାଇବ । ଏହି ସର୍ବଭାରତୀୟ ଇଣ୍ଡିଆନ ଫୁଟବଲ ଲିଗରେ ଦେଶର ବିଭିନ୍ନ କୋଣ ଅନୁକୋଣ ସହ ବିଦେଶରୁ ମରୋକ୍କୋ, ଘାନା,USA ,ଆର୍ଜେଣ୍ଟିନା ସହ ଫ୍ରାନ୍ସ, ସ୍ପେନ ସହ ଇଂଲଣ୍ଡର ଖେଳାଳି ଏଥିରେ ଭାଗ ନେଇଛନ୍ତି ।

ଯୁବ ଅଲିମ୍ପିକ୍ସ ବ୍ୟାଡ୍ମିଣ୍ଟନ୍: ଫାଇନାଲ୍ରେ ପହଞ୍ଚି ଇତିହାସ ରଚିଲେ ତନ୍ୱୀ



ଡାକାର: ଓଡ଼ିଆ ଝିଅ ତନ୍ୱୀ ପତ୍ରୀ ଏଠାରେ ଚାଲିଥିବା ଯୁବ ଅଲିମ୍ପିକ୍ସରେ ନୂଆ ଇତିହାସ ରଚିଛନ୍ତି। ତନ୍ୱୀ ପ୍ରଥମ ଭାରତୀୟ ମହିଳା ବ୍ୟାଡ୍ମିଣ୍ଟନ ଖେଳାଳି ଭାବେ ଫାଇନାଲ୍ରେ ପହଞ୍ଚିବାର ଗୌରବ ଅର୍ଜନ କରିଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ ମହିଳା ଏକକ ସେମିଫାଇନାଲ୍ରେ ୧୫ ବର୍ଷୀୟା ତନ୍ୱୀ ୨୧-୧୪, ୧୧-୨୧, ୨୧-୧୯ରେ ଜାପାନର ୟୁଜୁନୋ ୱାତାନାବେଙ୍କୁ ପରାସ୍ତ କରିଥିଲେ। ପୂର୍ବରୁ କେବଳ ୩ ଜଣ ଭାରତୀୟ ସଟଲର୍ ଏଚ୍ଏସ୍ ପ୍ରଣୟ, ଲକ୍ଷ୍ୟ ସେନ୍ ଓ ଆଦିତ୍ୟ ଯୋଶୀ କେବଳ ଯୁବ ଅଲିମ୍ପିକ୍ସ ବ୍ୟାଡ୍ମିଣ୍ଟନର ସେମିଫାଇନାଲ୍ରେ ପହଞ୍ଚିଥିଲେ। ଭାରତୀୟ ବ୍ୟାଡ୍ମିଣ୍ଟନ ଖେଳାଳି ଭାବେ ପ୍ରଣୟ ଓ ଲକ୍ଷ୍ୟ କେବଳ ପଦକ ଜିତିପାରିଛନ୍ତି। ପ୍ରଣୟ ୨୦୧୦ରେ ସିଙ୍ଗାପୁରରେ ଆୟୋଜିତ ପ୍ରଥମ ଯୁବ ଅଲିମ୍ପିକ୍ସରେ ଏବଂ ଲକ୍ଷ୍ୟ ୨୦୧୮ ବୁଏନସ୍ ଏରିଜ୍ରେ ରୌପ୍ୟ ପାଇଥିଲେ। ଏବେ ତନ୍ୱୀ ରୌପ୍ୟ ନିଶ୍ଚିତ କରିଥିଲେ ମଧ ସ୍ୱର୍ଣ୍ଣ ଆଶାରେ ରହିଛନ୍ତି। ସେ ସ୍ୱର୍ଣ୍ଣ ମୁକାବିଲାରେ ଚୀନ୍ର ୟି ଜିନ୍ ଝାଙ୍ଗଙ୍କୁ ଭେଟିବେ। ତନ୍ୱୀ ପ୍ରଥମ ଭାରତୀୟ ଭାବେ ଉଭୟ ୧୭ ଓ ୧୫ ବର୍ଷରୁ କମ୍ ଏସୀୟ ବ୍ୟାଡ୍ମିଣ୍ଟନ୍ ପ୍ରତିଯୋଗିତାର ଗୌରବ ଅର୍ଜନ କରିଛନ୍ତି।

ରଣଜୀ ଟ୍ରଫିରେ ବଡ଼ ବିପର୍ଯ୍ୟୟ: ପୂର୍ବ ବିଜେତା ସୌରାଷ୍ଟ୍ରକୁ ହରାଇଲା ତ୍ରିପୁରା



ଅଗରତାଲା: ଚଳିତ ରଣଜୀ ଟ୍ରଫିରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି ତ୍ରିପୁରା। ଏଲିଟ୍ ଗ୍ରୁପ୍-ବିର ଏକ ମ୍ୟାଚ୍ରେ ଗୁରୁବାର ତ୍ରିପୁରା ୧୩୩ ରନ୍ରେ ଦୁଇଥର ବିଜେତା ସୌରାଷ୍ଟ୍ରକୁ ହରାଇ ଚଳିତ ସଂସ୍କରଣରେ ପ୍ରଥମ ବିଜୟ ପାଇଛି। ଅଫ୍ ସ୍ପିନର ସନ୍ଦୀପ ସରକାର (୪/୮୧) ଓ ଦ୍ରୁତ ବୋଲର ଅଭିଜିତ ସରକାର (୩/୨୬)ଙ୍କ ବୋଲିଂକୁ ସାମ୍ନା କରି ନପାରି ୩୩୨ ରନ୍ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ସୌରାଷ୍ଟ୍ର ୨୦୮ ରନ୍ରେ ଅଲ୍ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅର୍ପିତ ବାସଭଡ଼ା (୮୯ ରନ୍) କିଛି ସମୟ ଲଢ଼ିଥିଲେ। ପ୍ରଥମ ପାଳିରେ ତ୍ରିପୁରା ୨୬୮ ରନ୍ କରିଥିଲା। ଜବାବରେ ପର୍ଭେଜ ସୁଲତାନ (୫/୨୫) ଓ ସନ୍ଦୀପ (୪/୪୮)ଙ୍କ ଘାତକ ବୋଲିଂ ଯୋଗୁଁ ସୌରାଷ୍ଟ୍ର ୧୧୮ ରନ୍ରେ ଅଲ୍ଆଉଟ୍ ହୋଇ ୧୫୦ ରନ୍ରେ ପଛରେ ରହିଥିଲା। ଦ୍ୱିତୀୟ ପାଳିରେ ତ୍ରିପୁରା ୧୯୧ ରନ୍ରେ ଅଲ୍ଆଉଟ୍ ହୋଇଯାଇଥିଲା। ଦୁଇଟି ଯାକ ପାଳିରେ ଅର୍ଦ୍ଧଶତକ ଅର୍ଜନ କରିଥିବା ଶ୍ରୀଦାମ ପଲ (୮୬, ୫୦) ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଅନ୍ତର୍ଜାତୀୟ ଫୁଟବଲ୍କୁ
ରୋନାଲ୍ଡୋ କହିଲେ ବିଦାୟ

ନୂଆଦିଲ୍ଲୀ: ଫୁଟବଲ୍ ଦୁନିଆର ଲୋକପ୍ରିୟ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଅନ୍ତର୍ଜାତୀୟ ଫୁଟବଲ୍ରୁ ସନ୍ୟାସ ଘୋଷଣା କରିଛନ୍ତି। ୪୧ ବର୍ଷୀୟ ଖେଳାଳି ପର୍ତ୍ତୁଗାଲ ପାଇଁ ସର୍ବାଧିକ ଗୋଲ୍ କରିଥିବା ଖେଳାଳି। ସେ ୨୩୨ଟି ମ୍ୟାଚ୍ରେ ୧୪୬ଟି ଗୋଲ୍ ମାରିଥିଲେ। ରୋନାଲ୍ଡୋ ଗୁରୁବାର ଦିନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ସନ୍ୟାସ ନେଇ ସୂଚନା ଦେଇଛନ୍ତି। ଫୁଟବଲ ଜଗତର ଜଣାଶୁଣା ଖେଳାଳି ରୋନାଲ୍ଡୋ ନିଜ କ୍ୟାରିୟରରେ କେବେବି ବିଶ୍ୱକପ୍ ଜିତିପାରି ନାହାନ୍ତି। ତେବେ ସେ ନିଜର ଅନ୍ତର୍ଜାତୀୟ କ୍ୟାରିୟର ସମାପ୍ତ କରିଛନ୍ତି। ଭିଡିଓରେ ଆବେଗର ସହିତ ରୋନାଲ୍ଡୋ କହିଛନ୍ତି, ପର୍ତ୍ତୁଗାଲର ଲୋକଙ୍କ ପାଇଁ ଆମର ନ୍ୟାସନାଲ ଟିମ୍ର ୭ ନମ୍ବର ଜର୍ସି ଫେରାଇବାର ସମୟ ଆସି ଯାଇଛି। ମୁଁ କେବେ ମଧ କଳ୍ପନା କରି ନଥିଲି ଯେ, ମୋ ପାଇଁ ଏଭଳି ଏକ ଦିନ ଆସିବ। କିନ୍ତୁ ୨୩ ବର୍ଷ ପର୍ଯ୍ୟନ୍ତ ପିନ୍ଧିବାକୁ, ଏହାର ରକ୍ଷା କରିବାକୁ ଏବଂ ବିଶ୍ୱର ଷ୍ଟାଡିୟମ ପର୍ଯ୍ୟନ୍ତ ନେଇଯିବାକୁ ସୌଭାଗ୍ୟର ଅଧିକାରୀ ହୋଇଥିଲି। ଏହାକୁ ଆଗାମୀ ପିଢ଼ିକୁ ହସ୍ତାନ୍ତର କରିବାର ସମୟ ଆସିଯାଇଛି। ଏହା ଏକ ସାଧାରଣ ନିଷ୍ପତ୍ତି ନୁହେଁ। ରୋନାଲ୍ଡୋଙ୍କ ଅଧିନାୟକତ୍ୱରେ ପର୍ତ୍ତୁଗାଲ ୨୦୧୬ରେ ୟୁରୋ କପ୍ ଚାମ୍ପିଅନ ହୋଇଥିଲା। ଏହା ହେଉଛି ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରର ସବୁଠାରୁ ବଡ଼ ଉପଲବ୍ଧିଗୁଡ଼ିକ ମଧ୍ୟରୁ ଅନ୍ୟତମ। ବିଗତ ଅନ୍ତର୍ଜାତୀୟ ବ୍ରେକ୍ ସମୟରେ ରୋନାଲ୍ଡୋ ପର୍ତ୍ତୁଗାଲର ତାଲିମ ଶିବିର ଛାଡ଼ି ପଳାଇ ଯାଇଥିଲେ। ନରୱେ ବିପଫ ନ୍ୟାସନ୍ ଲିଗ୍ର ମୁକାବିଲାରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନଥିଲା। ପର୍ତ୍ତୁଗାଲ ଏହି ମ୍ୟାଚ୍କୁ ୨-୧ରେ ଜିତିଥିଲା। ମ୍ୟାଚ୍ର ଶେଷ ସିଟି ବାଜିବାରୁ ରୋନାଲ୍ଡୋ ସିଧାସଳଖ ଡ୍ରେସିଂ ରୁମକୁ ଚାଲି ଯାଇଥିଲେ। ସେ ଓସ୍ଲୋରେ ଉପସ୍ଥିତ ନିଜର ପ୍ରଶଂସକମାନଙ୍କୁ ଅଭିବାଦନ କରିବା ପାଇଁ ପଡ଼ିଆରେ ଅଟକି ଟିମ୍ର ବାକି ଖେଳାଳିଙ୍କୁ ମଧ ସମର୍ଥନ କରି ନଥିଲେ।

Printed and Published by Santosh Kumar Dash on behalf of Narada Barta, Published at Berhampur,Ganjam, Odisha 760001 and Printed at SAI SUDHA WEB SERVICE,PLOT NO. 186/346, NEAR BLOOSM SCHOOL, GA COLONY, BHARATPUR, CHANDAKA ROAD, KHORDHA, ODISHA - 751003.
Editor : Santosh Kumar Dash
କାର୍ଯ୍ୟନିର୍ବାହୀ ସମ୍ପାଦକ - ଡଃ. ଦେବାନନ୍ଦ ଦାଶ
Title : NARADA BARTA
Periodicity : DAILY
Languages : Odia
RNI NO-ORORI26A4793